READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ଓଡ଼ିଶା ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ


ବର୍ଷ-୭ ସଂଖ୍ୟା-୫ ୧୩ - ୧୯ ଫେବୃଆରୀ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-5 13th - 19th FEBRUARY, 2023 BHUBANESWAR ₹ 5/- (8 Pages)


### ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ୨ ସପ୍ତାହ ବିତିଲା

## ତଦନ୍ତକୁ ନେଇ ବଢ଼ୁଛି ସନ୍ଦେହ

**ଭୁବନେଶ୍ୱର :** ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁର ୨ ସପ୍ତାହ ପରେ ମଧ୍ୟ ହତ୍ୟାର କାରଣ ଖୋଜି ପାଇବାରେ ସକ୍ଷମ ହୋଇନଥିବା ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚର ବିଶ୍ୱସନୀୟତା ସଙ୍କଟରେ ପଡ଼ିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଜେପି ବିଧାୟକ ଓ ସାଂସଦ ଝାରସୁଗୁଡ଼ାରେ ନବଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପରେ ତଦନ୍ତର ଶିଥିଳତାକୁ ନେଇ ପ୍ରଶ୍ନ କରିବା ସହ ନବଙ୍କ ସମର୍ଥକମାନେ ବି ବର୍ତ୍ତମାନର ତଦନ୍ତକୁ ନେଇ ଖୁସି ନୁହଁନ୍ତି ଓ ତୃତୀୟ ପକ୍ଷ ଦ୍ୱାରା ତଦନ୍ତ କରାଯିବା ଦରକାର ବୋଲି ବୟାନ ଦେଇଛନ୍ତି । ନବଙ୍କ ମୃତ୍ୟୁର ୨ ସପ୍ତାହ ଅତିବାହିତ ହୋଇଥିଲେ ମଧ୍ୟ କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ତାଙ୍କୁ ପୁଲିସ ଏଏସଆଇ ଗୋପାଳ ଦାସ ହତ୍ୟା କଲେ, ହତ୍ୟା ପଛରେ ରାଜନୀତିକ କିମ୍ବା ବ୍ୟବସାୟିକ ଶତ୍ରୁତା ରହିଛି କି ନାହିଁ, କିମ୍ବା ଅନ୍ୟ କିଛି କାରଣ ରହିଛି ତାକୁ ଭେଦ କରିବାରେ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସଫଳ ହୋଇନି ।



ଆଉ ପ୍ରତିଦିନ ନୂଆ ନୂଆ ଭେଳିକି କରି କ୍ରାଇମବ୍ରାଞ୍ଚ କେବଳ ନିଜର ଅପାରଗତା ପଦାରେ ପକାଇବାରେ ଲାଗିଛି । ଏମିତି ବି କ୍ରାଇମବ୍ରାଞ୍ଚର ପୁରୁଣା ଟ୍ରାକ୍ ରେକର୍ଡକୁ ଦେଖିଲେ ରାଜନୀତିକ ଲିଙ୍କ୍ ଥିବା କୌଣସି ମାମଲାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡିତ କରିଥିବାର ନଜିର ନାହିଁ । ନବଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କ୍ରାଇମବ୍ରାଞ୍ଚ ତଦନ୍ତ ପରିବର୍ତ୍ତେ ତୃତୀୟ ପକ୍ଷ ସ୍ୱାଧୀନ ସଂସ୍ଥା ଦ୍ୱାରା ତଦନ୍ତ କରାଇବାକୁ ଦାବି କରିଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିର ଅଧୋଗତି ହୋଇଛି ଓ ସଙ୍ଗୀନ ଆଡ଼କୁ ଯାଉଛି । ସରକାର ସଚେତନ ହେବାର ଆବଶ୍ୟକତା ରହିଛି କହି ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି । ଆଉ ଧର୍ମେନ୍ଦ୍ରଙ୍କ ଏହି ବୟାନ ଉପରେ ଗଣମାଧ୍ୟମକୁ ବିଜେଡି ସାଂସଦ ସସ୍ମିତ ପାତ୍ର ବୟାନ ଜାରି କହିଛନ୍ତି ଯେ,ନବ ଦାସଙ୍କ ହତ୍ୟାର ତଦନ୍ତ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତଦାରଖରେ ଚାଲିଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗକୁ ରାଜନୀତିକରଣ କରିବା ଉଚିତ୍ ନୁହେଁ । ତଦନ୍ତ ଚାଲିଛି, ନିର୍ଯ୍ୟାସ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ କହିଛନ୍ତି । ତେବେ ପ୍ରଶ୍ନ ଉଠୁଛି, ଯେଉଁ କ୍ରାଇମବ୍ରାଞ୍ଚ ପୂର୍ବରୁ ନେଇଥିବା କୌଣସି ରାଜନୀତିକ ଲିଙ୍କ୍ ଥିବା ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରିବାରେ ସକ୍ଷମ ହୋଇନି, ଏବେ ନବଙ୍କ ହତ୍ୟା ପଛର କାରଣକୁ କ'ଣ ସତରେ ଭେଦ କରିପାରିବ ? ଗତ ୨ ସପ୍ତାହ ପରେ ମଧ୍ୟ

➤ ପୃ-୬

### ଭାରତୀୟ ଧାନ କଂଗ୍ରେସକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

## 'ଚାଉଳ ଭାରତରେ ଖାଦ୍ୟ ସୁରକ୍ଷାର ମୁଖ୍ୟ ଆଧାର'

**କଟକ, (ପିଆଇବି) :** ଚାଉଳ ଭାରତୀୟ ଖାଦ୍ୟ ସୁରକ୍ଷାର ଏକ ମୁଖ୍ୟ ଆଧାର ଏବଂ ଆମ ଅର୍ଥବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । କଟକ ସ୍ଥିତ ଆଇସିଏଆର – ଜାତୀୟ ଧାନ ଗବେଷଣା କେନ୍ଦ୍ର ଠାରେ ଦ୍ୱିତୀୟ ଭାରତୀୟ ରାଇସ କଂଗ୍ରେସକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ରାଷ୍ଟ୍ରପତି କହିଥିଲେ ଯେ ଆଜି ଭାରତ ଚାଉଳର ଏକ ପ୍ରମୁଖ ଉପଭୋକ୍ତା ଏବଂ ବଡ଼ ରପ୍ତାନିକାରୀ, କିନ୍ତୁ ଦେଶ ସ୍ୱାଧୀନ ହେବା ସମୟରେ ପରିସ୍ଥିତି ଭିନ୍ନ ଥିଲା । ସେତେବେଳେ ଆମେ ନିଜର ଖାଦ୍ୟ ଆବଶ୍ୟକତା ପୂରଣ କରିବା ଲାଗି ଅନ୍ୟମାନଙ୍କ ଉପରେ ନିର୍ଭର କରୁଥିଲୁ । ଅଧିକାଂଶ ସମୟରେ ଆମକୁ ପେଟପୂରା ଖାଇବାକୁ ମିଳୁନଥିଲା । ଦେଶ ଆଜି ଏପରି ନିର୍ଭରଶୀଳତାରୁ ମୁକ୍ତ ହୋଇପାରିଛି ଏବଂ ବିଶ୍ୱର ସର୍ବବୃହତ ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହୋଇଛି । ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନକୁ ଏହାର ଯଥେଷ୍ଟ ଶ୍ରେୟ ଦିଆଯିବା ଉଚିତ୍ । ଏହି ଗବେଷଣା ପ୍ରତିଷ୍ଠାନ ଭାରତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ଯୋଗଦାନ ଦେଇଛି ଏବଂ ଚାଷୀଙ୍କ ଜୀବନରେ ସୁଧାର ଆଣିପାରିଛି । ରାଷ୍ଟ୍ରପତି କହିଥିଲେ ଯେ ବିଗତ ଶତାବ୍ଦୀରେ ଜଳସେଚନ



ସୁବିଧାର ସମ୍ପ୍ରସାରଣ ହୋଇଥିଲା । ନୂଆ ସ୍ଥାନରେ ଧାନ ଅମଳ ହେଲା ଏବଂ ଧାନକୁ ନୂଆ ଉପଭୋକ୍ତା ମିଳିଥିଲେ । ଧାନ ଫସଲ ପାଇଁ ପ୍ରଚୁର ମାତ୍ରାରେ ଜଳର ଆବଶ୍ୟକତା ରହିଛି, କିନ୍ତୁ ଆଜି ଜଳବାୟୁ ପରିବର୍ତ୍ତନ କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜଳାଭାବ ସମସ୍ୟା ଦେଖା ଦେଇଛି ।

➤ ପୃ-୬



## ଭୟଙ୍କର ଭୂକମ୍ପରେ ଥରିବ ଭାରତ !

**ନୂଆଦିଲ୍ଲୀ :** 'ଆଜି ନୁହେଁ ତ କାଲି ତୁର୍କୀ ଏବଂ ସିରିଆରେ ୭. ୫ ତୀବ୍ରତାର ଭୂକମ୍ପ ଆସିବ' । ତୁର୍କୀରେ ଭୂକମ୍ପ ଆସିବାର ଠିକ ଦୁଇ ଦିନ ପୂର୍ବରୁ ଏପରି ଟ୍ୱିଟ କରିଥିଲେ ନେଦରଲ୍ୟାଣ୍ଡର ରିସର୍ଚ୍ଚର ଫ୍ରାଙ୍କ ହୋଗରବ୍ରିଟ୍ସ । ଆଉ ଏହାର ଠିକ୍ ଦୁଇ ଦିନ ପରେ ଅର୍ଥାତ ୬ ଫେବୃଆରୀରେ ତୁର୍କୀ ଏବଂ ସିରିଆରେ ୭. ୮ ତୀବ୍ରତାର ଭୟଙ୍କର ଭୂକମ୍ପ ଆସିଥିଲା । ଏହି ଭୂକମ୍ପରେ ଏବେ ଯାଏ ୨୬ ହଜାର ଲୋକଙ୍କ ଜୀବନ ଯାଇ ସାରିଲାଣି । ଏବେ ହୋଗରବିଟ୍ସ ଭାରତକୁ ନେଇ ଏକ ଅନୁମାନ କରିଛନ୍ତି । ସେ କହିଛନ୍ତି ଭାରତରେ ବି ତୁର୍କୀ ଭଳି ଭୟଙ୍କର ଭୂକମ୍ପ ଆସିପାରେ । ଆଗାମୀ ଦିନରେ ଏସିଆର କିଛି କିଛି ଅଂଶରେ ମାଟି ତଳେ ହଲଚଲ ହେବା ସମ୍ଭାବନା ଅଛି । ଏହି ହଲଚଲ ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଆରମ୍ଭ ହେଇ ଭାରତ ମହାସାଗରର ପଶ୍ଚିମ ପଟକୁ ଯାଇପାରେ । ଆଉ ଏହାର ଠିକ ମଝିରେ ରହିବ ଭାରତ । ତେଣୁ ଭାରତରେ ଭୂକମ୍ପ ଆସିବାର ଯଥେଷ୍ଟ ସମ୍ଭାବନା ରହିଛି । କେବଳ ଭାରତ ନୁହେଁ ଆଗାମୀ ଦିନରେ ଚୀନରେ ବି ଭୂକମ୍ପ ଆସିପାରେ ।

➤ ପୃ-୬


### ସମ୍ବେଦନଶୀଳ ଜୋନ୍‌ରେ ଓଡ଼ିଶାର ୭ ସହର

**ଭୁବନେଶ୍ୱର :** ତୁର୍କି ଓ ସିରିଆ ଭୂମିକମ୍ପ; ଏହା ପୂର୍ବରୁ ନେପାଳରେ ହୋଇଥିବା ଭୂମିକମ୍ପ ପାଇଁ ରାଜ୍ୟରେ ଥିବା ଭୂକମ୍ପ ପ୍ରବଣ ଅଞ୍ଚଳଗୁଡ଼ିକ ପାଇଁ ଛନକା ପଶିଛି । ଯଦିଓ ଓଡ଼ିଶା ଭୂକମ୍ପ ଦୃଷ୍ଟିରୁ ଅତି ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଆସୁନାହିଁ, ମାତ୍ର ବଙ୍ଗୋପସାଗର କୂଳରେ ଥିବା ଓଡ଼ିଶା ପାଇଁ ଉଭୟ ଭୂକମ୍ପ ଓ ସୁନାମୀର ଭୟ ସଞ୍ଚାର ହୋଇଛି । ଅନ୍ୟପଟେ ତାଳଚେର ପାଇଁ ପରିବେଶବିତମାନେ ବିଶେଷ ଆଶଙ୍କା ପ୍ରକାଶ କରିଛନ୍ତି । ଏହି ଅଞ୍ଚଳରେ ବ୍ୟାପକ ଖଣି ଖନନ ହେଉଥିବା ବେଳେ ଏହାକୁ ପୋତା ନ ଯାଇ ଛାଡ଼ି ଦିଆଯାଉଛି । ଯାହାକି ଭୂସ୍ଖଳନ ପାଇଁ ଏକ ବଡ଼ କାରଣ ସାଜିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସାଂସଦ ଭର୍ତ୍ତୃହରି ମହତାବ ମଧ୍ୟ ଏହାକୁ ନେଇ ସଂସଦରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ୨୦୨୦ ମସିହାରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୭ଟି ବଡ଼ ସହର ଓ ଏହାର ପାଖାପାଖି ଅଞ୍ଚଳ ଅତି ସମ୍ବେଦନଶୀଳ ଅଞ୍ଚଳ ଭାବରେ ଚିହ୍ନଟ କରାଯାଇଛି । ଏଥିରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର,

➤ ପୃ-୬

### ସୂତାଖିଅରେ ତାଳଚେରର ୬୦ହଜାର ଲୋକଙ୍କ ଭାଗ୍ୟ

**ଅନୁଗୋଳ :** ତୁର୍କୀରେ ଭୟାବହ ଭୂମିକମ୍ପ ପରେ ତାଳଚେରରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ । ପୂର୍ବରୁ ଭୂତତ୍ୱ ବିଭାଗ ତାଳଚେରକୁ ଭୂମିକମ୍ପ ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରିଛି । ଏଭଳି ସ୍ଥିତିରେ ତାଳଚେର ଅଞ୍ଚଳରେ ବନ୍ଦ ହୋଇ ରହିଥିବା ୪ଟି ଭୂତଳ କୋଇଲା ଖଣିରେ ଆବଶ୍ୟକ ବାଲି ଭର୍ତ୍ତି କରା ଯାଇ ନଥିବାରୁ ଭିତରେ ପ୍ରାୟ ୧୦୦ମିଟର ତଳେ ଫମ୍ପା ରହିଛି । ତେଣୁ ଏଠାରେ ପ୍ରାକୃତିକ ଦୈବୀପାକ ଯାହା ହେଉନା କାହିଁକି ଭୂମିକମ୍ପ



ପାଇଁ ମଣିଷ ପର୍ଯ୍ୟାପ୍ତ ସୁଯୋଗ ଛାଡି ଦେଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ବ୍ରିଟିଶ ଅମଳରୁ ତାଳଚେରରେ ୫ଟି ଭୂତଳ କୋଇଲା ଖଣି ଚାଲିଥିଲା । ସେଗୁଡିକ ମଧ୍ୟରେ ନନ୍ଦିରା, ଦେଉଳବେଡା,

➤ ପୃ-୬

### ବକ୍ରବାଣୀ



ଦାସେ ଚାଲିଗଲେ ଦାଶ ଗୁଳିରେ
କୋଟି କୋଟି ଟଙ୍କା ସମ୍ପତ୍ତି ଛାଡ଼ି
ଅଧୁରା ସ୍ୱପ୍ନ ପୁରା କରିବାକୁ
ତାଙ୍କ ପିଲା ଛୁଆ ଦେଲେଣି ଧାଡ଼ି
ଦରଦୀ ଲୋକଟେ ଛାମୁ ଆମର
ଧାଇଁ ଚାଲିଗଲେ ଝାରସୁଗୁଡ଼ା
ସିମ୍ପାଥି ଭୋଅଟ ହାତେଇବାକୁ
ନେତାଗୁଡ଼ା ଆଜି ଧରମଛଡ଼ା
ଶବକୁ ନେଇ ଯେ ବେପାର କରେ
ତାକୁ କି ଗଣିବା ମଣିଷ ପଣେ ।

——— ଟୁଟୁ

### ରାଜ୍ୟ କଂଗ୍ରେସକୁ 'ଜୀବନ୍ୟାସ' ମିଳିବା ସମ୍ଭାବନା

## ବିଜୟ ହେବେ ଗେମ୍ ଚେଞ୍ଜର !

**ଭୁବନେଶ୍ୱର:** ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାରେ କ୍ଷମତା ରାଜନୀତିରେ ପ୍ରତ୍ୟାଖ୍ୟାତ କଂଗ୍ରେସ କ୍ରମାଗତ ଭାବେ ରାଜ୍ୟରେ ନିଜର ସାଂଗଠନିକ ଅସ୍ତିତ୍ୱ ସଙ୍କଟ ଦେଇ ଗତି କରୁଥିବାବେଳେ ଦଳକୁ 'ଜୀବନ୍ୟାସ' ମିଳିବାର ସମ୍ଭାବନା ସୃଷ୍ଟି ହୋଇଛି । ଓଡ଼ିଶାରେ ସୁଦୃଢ଼ ବିରୋଧୀ ଦଳର ଅଭାବ, କଂଗ୍ରେସର ଗୋଡ଼ଟଣା ଓ ଆଭ୍ୟନ୍ତରୀଣ କନ୍ଦଳ ରାଜନୀତି, ଅନ୍ୟ କୌଣସି ରାଜନୀତିକ ଦଳ ଓ ବିକଳ୍ପ ସଂଗଠନ ମୁଣ୍ଡ ନଟେକିବା ତଥା ବିଶେଷକରି ବିରୋଧୀ ଦଳ ସଦସ୍ୟଙ୍କୁ ମ୍ୟାନେଜ କରି ଦୀର୍ଘ ୨୩ବର୍ଷ ଧରି କ୍ଷମତାରେ ତିଷ୍ଠି ରହିବାରେ ବିଜେଡି ସକ୍ଷମ ହୋଇଥିଲେ ମଧ୍ୟ ଆଗାମୀ ସାଧାରଣ ନିର୍ବାଚନ ଅନେକ ଦୃଷ୍ଟିରୁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆକଳନ ହେଉଛି । ନିଜର ଲୋକାଭିମୁଖୀ ନୀତି ପାଇଁ ଲୋକାଦୃତ ଆମ୍ ଆଦମୀ ପାର୍ଟି ଓ ଭାରତ ରାଷ୍ଟ୍ର




ସମିତି(ବିଆରଏସ) ଓଡ଼ିଶାରେ ଆଗାମୀ ସାଧାରଣ ନିର୍ବାଚନରେ ଫୁଲ୍ ଦମରେ ଲଢ଼ିବେ ବୋଲି ରଣହୁଙ୍କାର ଦେଇ ରାଜନୀତିକ ଉଷ୍ମତା ବୃଦ୍ଧି କରିଥିବାବେଳେ ସ୍ୱଚ୍ଛ ଭାବମୂର୍ତ୍ତିସମ୍ପନ୍ନ ନେତୃତ୍ୱର ଅଭାବ ଯୋଗୁ ରାଜ୍ୟରେ ସଂଗଠନକୁ କ୍ରିୟାଶୀଳ କରିପାରୁନଥିବା କଂଗ୍ରେସରେ ପୂର୍ବତନ ମୁଖ୍ୟ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ଯୋଗଦାନ 'ପ୍ରଦେଶ କଂଗ୍ରେସରେ ସମ୍ଭାବନାର ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ରାଜନୀତିକ ବିଶ୍ଳେଷକମାନେ ମତ ଦେଇଛନ୍ତି । ସୂଚନା ଅନୁସାରେ, ଦୀର୍ଘ ୪୦ବର୍ଷର ପ୍ରଶାସନିକ କ୍ୟାରିୟରରେ ରାଜ୍ୟ ରାଜନୀତିକୁ ଅତି ପାଖରୁ ଦେଖିଥିବା ଅବସରପ୍ରାପ୍ତ ଆଇଏଏସ୍ ବିଜୟ କୁମାର ପଟ୍ଟନାୟକ ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହେବା ପୂର୍ବରୁ ରାହୁଲ ଗାନ୍ଧିଙ୍କଠୁ ଆରମ୍ଭ କରି ଦଳର

➤ ପୃ-୬

### ଅଜବ ପ୍ରେମ ପାଗଳ ତିର୍ତ୍ତୋଲ ବିଧାୟକ

## ଗିରଫ ପାଇଁ ବିରୋଧୀଙ୍କ ଆନ୍ଦୋଳନ

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ପ୍ରେମ ପାଗଳ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ଅଜବ କଥାକୁ ନେଇ ସଦାସର୍ବଦା ଚର୍ଚ୍ଚାରେ ଥିବା ବେଳେ ଏବେ ପ୍ରଥମ ପ୍ରେମିକା ସୋନାଲିକା ଦାଶଙ୍କ ସହିତ ପ୍ରେମ ସମ୍ପର୍କ ବିବାହର ପ୍ରତିଶୃତି ଦେଇ ପ୍ରତରଣା କରିବା ଘଟଣା ତାଙ୍କ ରାଜନୈତିକ ଜୀବନରେ ଉଈ ଲାଗି ଗଲା ପରି ମନେହେଉଛି । ସୋନାଲିକାଙ୍କୁ ବିବାହ କରିବା ପାଇଁ ଜଗତସିଂହପୁର ସବ ରେଜିଷ୍ଟରଙ୍କ ପାଖରେ ଉଭୟ ଆବେଦନ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସେଥିରେ ରାଜି ନହେବାରୁ ସେ ଜଗତସିଂହପୁର ଥାନାରେ ଏତଲା ଦେଇଥିଲେ, ହେଲେ ଅଭିଯୁକ୍ତ ବିଧାୟକଙ୍କୁ ଗିରଫ କରାଗଲା ନାହିଁ । ପରନ୍ତୁ ଶ୍ରୀ ଦାସ ଆଉ ଏକ ବିବାହିତ ମହିଳାଙ୍କ ସହିତ ବିଭିନ୍ନ ପୋଜ ଫଟୋ ଭାଇରାଲ ହୋଇ ବୁଲୁଥିବା ବେଳେ ଗତବର୍ଷ ଥାନାରେ



ସୋନାଲିକା ଦେଇଥିବା ଏତଲାରେ ନ୍ୟାୟ ନମିଳିବାରୁ ବା ତଦନ୍ତ ନହେବାରୁ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇ ଆଇପିସି ଦଫା ୩୭୬, ୩୧୩, ୫୦୬, ୩୪ ଅନୁଯାୟୀ ଜଗତସିଂହପୁର ଥାନାରେ କେସ୍ ନଂ ୯୫/୨୩ ମାମଲା ରୁଜୁ କରାଯାଇଛି । ମା କୁ ସମାନ ନାରାଦେଇ ଶାସକ ଦଳ ରାଜ୍ୟରେ

➤ ପୃ-୬






## ଜମି ମାଫିଆଙ୍କ ଚେର ଲମ୍ବା; ମୂଳନିବାସୀ ଅସହାୟ

**ଭବାନୀପାଟଣା,(ଅନିଲ ପଟ୍ଟନାୟକ) :** କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହରରେ ଜମି ମାଫିଆ ମାନଙ୍କ ଦ୍ୱାରା ସରକାରୀ ଜମି ହଡପ କରିବା ପାଇଁ ସୁପରିକଳ୍ପିତ ଷଡଯନ୍ତ୍ର ଚାଲିଛି । ଏହି ଜମି ହଡପ ଘଟଣାରେ ଉଭୟ ରାଜନେତା ଓ ପ୍ରଶାସନ କୋଳାକୋଳି ହେଉଥିବା ବେଳେ ମୂଳନିବାସୀଙ୍କୁ ଆୟୁଦ୍ଧ କରି ନିଜର କଳାକାରନାମାକୁ ବିସ୍ତାର କରିବାରେ ଲାଗିଛନ୍ତି । ଭବାନୀପାଟଣା ସହରରେ ୩୬୯୦.୩୦୭ ଏକର ଜମି ରହିଥିବା ବେଳେ ୭୬୪.୦୩୯ ଏକର ସରକାରୀ ଜମି ରହିଛି । ଏହି ସରକାରୀ ଜମିକୁ ହଡପ କରିବା ପାଇଁ ଜମି ମାଫିଆ ମାନେ ସକ୍ରିୟ ହୋଇ ପଡ଼ିଥିବା ବେଳେ ସରକାରଙ୍କ ସହରାଞ୍ଚଳ ଜାଗା ମିଶନ ଯୋଜନା କାହାସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହରରେ ମୋଟ ୩୭୯୦.୩୦୭ ଏକର ଜମି ରହିଛି । ସେଥି ମଧ୍ୟରୁ ୭୬୪.୦୩୯ଏକର ସରକାରୀ ଜମି ରହିଛି ।ଭବାନୀପାଟଣା ନଜୁଲରେ ସରକାରୀ ଜମି ୩୬୯.୭୭୯ ଏକର ରହିଛି । ବେସରକାରୀ ଜମି ୪୫୫.୧୪୭ଏକର ମୋଟ ୮୨୪.୯୨୬ ଏକର ରହିଛି । ଅର୍କାବାହାଲିପଡାରେ ସରକାରୀ ଜମି ୧୨୩.୦୨୩ ଏକର ବେସରକାରୀ ଜମି ୨୯୮.୦୯୨ ଏକର ମୋଟ ୪୨୨.୦୧୫ଏକର ରହିଛି । ସୀତାବରଡିପଡାରେ ସରକାରୀ ଜମି ୪୫.୪୧ ଏକର, ବେସରକାରୀ ଜମି ୨୪୦.୦୪୩ ଏକର ମୋଟ ୨୮୫.୦୮୪ ଏକର ରହିଛି । ପୁରୁଣାପଡାରେ ସରକାରୀ ଜମି ୫୬.୯୨ ଏକର, ବେସରକାରୀ ଜମି ୬୩୮.୦୩୮ ଏକର ମୋଟ ୬୯୫.୦୨୬ ଏକର ରହିଛି । ନକଟି ଗୁଡ଼ାରେ ସରକାରୀ ଜମି



୫୨.୨୫ଏକର, ବେସରକାରୀ ଜମି ୨୦୧.୦୯୫ ଏକର ମୋଟ ୨୫୩.୧୧୦ ଏକର ଜମି ରହିଛି । ଭବାନୀପାଟଣା ସହରରେ ସରକାରୀ ଜମି ୧୧୬.୦୪୫ ଏକର , ବେସରକାରୀ ଜମି ୧୧୯୧.୦୧୩ ଏକର, ଏପରି ମୋଟ ୧୩୦୭.୦୫୮ ଏକର ଜମି ରହିଛି । ସେଥି ମଧ୍ୟରୁ ଜଳଚର, ଏଣ୍ଡୋମେଣ୍ଟ, ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାଂଶ ଜମି ଜବରଦଖଲ କାରୀଙ୍କ କବଳରେ ରହିଛି । ଅନେକ ଧଳାହାତୀ, ଅନ୍ୟଜିଲ୍ଲାରୁ ଆସି ସ୍ଥାୟୀ ଭାବେ ବସବାସ କରୁଥିବା ନକଲି ଭୂମିପୁତ୍ର, ଧନୀକ ଗୋଷ୍ଠୀଙ୍କ ସହ ଅଧିକାଂଶ ସ୍ଥାନରେ ଜବର ଦଖଲ କାରୀଙ୍କ ରାଜ ଚାଲିଛି । ରାଜନେତା, ପ୍ରଶାସନ, ଧନୀକ ଗୋଷ୍ଠୀ

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟରେ ଉନ୍ନତ, ମାତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ଜମି ଓ ଗାଡି କ୍ରୟ କରିପାରନ୍ତି। ଛାତି ଓ ପେଟରେ ଯନ୍ତ୍ରଣା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ। ପ୍ରତିକାର : ଶୁଦ୍ଧ ଘିଅ ଦିପ ଭଗବାନ ଶିବଙ୍କ ଆଗରେ ଜାଳନ୍ତୁ।

**ବୃଷ** ସ୍ୱାସ୍ଥ୍ୟରେ ଯଥା ଗଳା ଓ ପେଟରେ ସମସ୍ୟା ଦେଖା ଦେଇପାରେ। ଋଣ ନିଅନ୍ତୁ ନାହିଁ। ସଠିକ ନିର୍ଣ୍ଣୟ ନିଅନ୍ତୁ। ଧନହାନୀ ହୋଇପାରେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ପ୍ରତିଦିନ ଘରୁ ବାହାରିବା ବେଳେ ମଥାରେ ଟିକେ ଘିଅ ଲଗାନ୍ତୁ।

**ମିଥୁନ** ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ସମ୍ପର୍କରେ ସୁଧାର ହେବ। ସନ୍ତାନଙ୍କର ଶୁଭଖବର ପାଇବେ। ବିବାହର ସମ୍ବାଦ ପାଇବେ। ବିବାଦରୁ ଦୂରେଇ ରହନ୍ତୁ। ପ୍ରତିକାର : ଓଁ ଗଣପତୟେ ନମଃ ଜପ କରନ୍ତୁ।

**କର୍କଟ** ନୂଆ ଚାକିରି ଓ ସମ୍ମାନ ମିଳିପାରେ। ଘର ବାହାନ କିଣିପାରନ୍ତି। ପିତାମାତାଙ୍କ ସହଯୋଗ ପାଇବେ। ପାଠ ପାଇଁ ସମୟ ପ୍ରତିକୂଳ। ଜଗିରଖି ଖର୍ଚ୍ଚ କରନ୍ତୁ। ପ୍ରତିକାର : ଭଗବାନ ଶିବଙ୍କୁ ଖିରୀ ଭୋଗ କରନ୍ତୁ।

**ସିଂହ** ମନବଳରେ ବୃଦ୍ଧି ହେବ। ଋଣ ପରିଶୋଧ ହୋଇପାରେ। ପଦୋନ୍ନତି ପାଇବାରେ ବିବାଦ ହୋଇପାରେ। ମାଆଙ୍କ ସହ ମତଭେଦ ହୋଇପାରେ। ରକ୍ତଚାପ ବଢ଼ିବାରେ। ପ୍ରତିକାର : ଗାଧୋଇବା ପାଣିରେ କିଛି କ୍ଷୀର ମିଶାନ୍ତୁ

**କନ୍ୟା** ଧନପ୍ରାପ୍ତି ଯୋଗ ଅଛି। ବିବାହ ପ୍ରସ୍ତାବ ଆସିପାରେ। ବ୍ୟବସାୟରେ ଉନ୍ନତି ହେବ। ଗଳାରେ ରୋଗ ହୋଇପାରେ। ଭାଇଙ୍କ ସହ ବିବାଦ ହୋଇପାରେ। ପ୍ରତିକାର : ଧଳା ଚନ୍ଦନ ଟିକା ଲଗାଇ ଘରୁ ବାହାରକୁ ଯାଆନ୍ତୁ।

**ତୁଳା** ଆଖି, ଚର୍ମ ରୋଗରୁ ମୁକ୍ତି ମିଳିବ। ଜୀବନସାଥୀଙ୍କ ସହଯୋଗ ପାଇବେ। ନୂଆ ଚାକିରି ମିଳିପାରେ। ଚିଡଚିଡା ହୁଅନ୍ତୁ ନାହିଁ। ବାଣୀରେ ଲଗାମ ଦିଅନ୍ତୁ। ଦୁର୍ଘଟଣା ହୋଇପାରେ। ପ୍ରତିକାର : ପ୍ରତିଦିନ ମାତା ଲକ୍ଷ୍ମୀଙ୍କୁ ମିଶ୍ରି ଭୋଗ ଲଗାନ୍ତୁ।

**ବିଛା** ବ୍ୟବସାୟରେ ଧନ ଲଗାନ୍ତୁ ନାହିଁ। ମୁଣ୍ଡ ବିନ୍ଧା ହୋଇପାରେ। ଧୈର୍ଯ୍ୟ ରଖନ୍ତୁ। ଲୋକ ବଦନାମ କରିପାରନ୍ତି। ଧନପ୍ରାପ୍ତି ଯୋଗ ଅଛି। ନିଜ ବୁଦ୍ଧ ବଳରେ ସଫଳତା ପାଇବେ। ପ୍ରତିକାର : ମିଶ୍ରି ଓ ଦହି ଶିବଙ୍କୁ ଅର୍ପଣ କରନ୍ତୁ।

**ଧନୁ** ଚାରିଆଡୁ ଧନପ୍ରାପ୍ତି ଯୋଗ ଅଛି। ପୁରୁଣା ମକଦମାରେ ସଫଳ ହେବେ। ଶତ୍ରୁ ଦମନ ହୋଇପାରନ୍ତି। ରୋକିଥିବା କାମ ସଫଳ ସହ ପୁରା ହେବ। ପ୍ରତିକାର : ପ୍ରତିଦିନ ଭଗବାନ ବିଷ୍ଣୁଙ୍କୁ ଗୁଡ ଭୋଗ ଲଗାନ୍ତୁ।

**ମକର** ନୂଆ ଚାକିରି ଓ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ମିଳିବ। ଜମି କିଣି ପାରନ୍ତି। ବିବାଦରେ ପଡିପାରନ୍ତି। ପ୍ରତିକାର : ପ୍ରତିଦିନ ମାତା ଲକ୍ଷ୍ମୀଙ୍କୁଆଖୁରସ ଅର୍ପଣ କରନ୍ତୁ।

**କୁମ୍ଭ** ଧନପ୍ରାପ୍ତି ଯୋଗ ଅଛି। ପାଦରେ ଆଘାତ ଲାଗିପାରେ। ପରିବାରରେ ସାମାନ୍ୟ ବିବାଦ ହୋଇପାରେ। ବିବାହ ପାଇଁ ପ୍ରସ୍ତାବ ଆସିପାରେ। କ୍ରୋଧ ତ୍ୟାଗ କରନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। ପ୍ରତିକାର : ଭଗବାନ ଗଣେଷଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ମୀନ** ପାଦ ଓ ପେଟରେ କଷ୍ଟ ହୋଇପାରେ। ପ୍ରେମରେ ଝଗଡା ହୋଇପାରେ। ସଞ୍ଚୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ମତଭେଦ ବଢ଼ିବ। ବନ୍ଧୁଙ୍କ ସହଯୋଗ ବଢ଼ିବ। ନୂଆ ସାମାନ କିଣିବେ। ଦମ୍ପତ୍ତିମାନଙ୍କ ସହଯୋଗ ବଢ଼ିବ। ପ୍ରତିକାର : ହଳଦିଆ ଚନ୍ଦନଟିକା ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଅନ୍ଧ କରିଦେବ ସ୍ମାର୍ଟଫୋନ୍

**ନୂଆଦିଲ୍ଲୀ:** ସ୍ମାର୍ଟଫୋନକୁ ସାବଧାନ। ନେଇପାରେ ଦୃଷ୍ଟିଶକ୍ତି। ଏଭଳି ଏକ ଘଟଣାକୁ ନେଇ ସତର୍କ କରାଇଛନ୍ତି ଡାକ୍ତର। ଦୈନନ୍ଦିନ ଜୀବନର ଏପରି ଅଭ୍ୟାସ ଶରୀର ଲାଗି କରିପାରେ ବଡ଼ କ୍ଷତି। ପ୍ରତିଟି ଜୀବନରେ ବର୍ତ୍ତମାନ ଡିଜିଟାଲ ଟେକ୍ନୋଲୋଜି ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ, ଏହି ବିପଦ ଏବେ ବିଭିନ୍ନ ମହଲରେ ଚିନ୍ତା ସୃଷ୍ଟି କରିଛି। ହାଇଦ୍ରାବାଦର ଜଣେ ମହିଳା ଦୀର୍ଘ ସମୟ ଧରି ସ୍ମାର୍ଟଫୋନ ବ୍ୟବହାର କରିବା ଯୋଗୁ ଦୃଷ୍ଟିଶକ୍ତି ହରାଇବା ଏବଂ ପରେ ଉପଚାର ପରେ ଦୃଷ୍ଟିଶକ୍ତି ଫେରି ପାଇଛନ୍ତି। ଏନେଇ ଡାକ୍ତର ସୁଧୀର କୁମାର କହିଛନ୍ତି, ନିୟମିତ ବ୍ୟବହାର କାରଣରୁ ମଞ୍ଜୁନାମ୍ନୀ ୩୦ ବର୍ଷ ବୟସ୍କା ମହିଳା ନିଜ ଦୃଷ୍ଟି ଶକ୍ତି ହରାଇଥିଲେ। ଗତ ଦେଢବର୍ଷ ଧରି ଅନ୍ଧାରରେ ନିଜର ସ୍ମାର୍ଟଫୋନ ବ୍ୟବହାର କରୁଥିଲେ। ସେ ଜଣେ ବ୍ୟୁଟିସିଆନ ଥିଲେ ଏବଂ ତାଙ୍କର ସନ୍ତାନର ସ୍ୱତନ୍ତ୍ର ଆବଶ୍ୟକତା ଦୃଷ୍ଟିରୁ ସେ ଚାକିରି ଛାଡି ଘରେ ରହିଥିଲେ। ତେବେ ଘରେ ଥିବା ବେଳେ ସେ ସ୍ମାର୍ଟଫୋନର ବ୍ୟବହାର ଅଧିକ କରିଥିଲେ ଏବଂ ଏପରିକି ଅନ୍ଧାରରେ ଘଣ୍ଟା ଘଣ୍ଟା ଧରି ତାହାର ବ୍ୟବହାର କରିଥିଲେ। ଏହି କାରଣରୁ ସେ ସ୍ମାର୍ଟଫୋନ ଭିଜନ ସିଣ୍ଡ୍ରୋମ ବା ଏସଭିଏସର ଶିକାର ହୋଇଥିଲେ। କମ୍ପ୍ୟୁଟର, ସ୍ମାର୍ଟଫୋନ ବା ଟାବଲେଟର ଦୀର୍ଘକାଳୀନ ବ୍ୟବହାର ଯୋଗୁ କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ ବା ସିଭିଏସ ଏବଂ ଡିଜିଟାଲ ଭିଜନ ସିଣ୍ଡ୍ରୋମ ବା ଡିଭିଏସ ଦେଖାଯାଇଥାଏ ବୋଲି କହିଛନ୍ତି ସୁଧୀର କୁମାର।



ଦୃଷ୍ଟିହୀନତାର ଶିକାର ହୋଇଥିବା ମଞ୍ଜୁଙ୍କୁ ସେ କୌଣସି ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପରାମର୍ଶ ଦେଇ ନଥିଲେ କିମ୍ବା ତାଙ୍କ ଲାଗି କୌଣସି ମେଡିସିନ ଲେଖି ନଥିଲେ। ତେବେ ସ୍ମାର୍ଟଫୋନ ବ୍ୟବହାର ହ୍ରାସ କରିବା ଲାଗି ପରାମର୍ଶ ଦେଇଥିଲେ ବୋଲି ସେ କହିଛନ୍ତି। ମସ୍ତିଷ୍କର ସ୍ନାୟୁ ସମସ୍ୟାରେ ପଡିଛନ୍ତି ବୋଲି ପ୍ରଥମେ ମଞ୍ଜୁ ଆଶଙ୍କା କରୁଥିଲେ। ମାତ୍ର ପରେ ସ୍ମାର୍ଟ ଫୋନ ସମସ୍ୟା ଜଣାପଡିବା ପରେ ସେ ତାଙ୍କୁ ସ୍ମାର୍ଟଫୋନ ବ୍ୟବହାରରୁ ଦୂରେଇ ରହିବା ଲାଗି ପରାମର୍ଶ ଦେଇଥିଲେ। ଅତି ଜରୁରୀ ନ ହେଲେ ସ୍ମାର୍ଟଫୋନ ସ୍କ୍ରିନ ନ ଦେଖିବାକୁ ମଞ୍ଜୁ କହିଥିବା ଦର୍ଶାଇଛନ୍ତି ଡାକ୍ତର। ଡାକ୍ତରଙ୍କ ପରାମର୍ଶ ମାନି ମଞ୍ଜୁ ସ୍ମାର୍ଟଫୋନର ସ୍କ୍ରିନ ଦେଖିବା ବନ୍ଦ କରିଥିଲେ। ପ୍ରାୟ ୧୮ ମାସ ପରେ ତାଙ୍କର ଏହି ସମସ୍ୟା ଦୂରୀଭୂତ ହୋଇଯାଇଥିଲା ଏବଂ ସେ ସ୍ୱାଭାବିକ ଦୃଷ୍ଟିଶକ୍ତି ଫେରିପାଇଛନ୍ତି ବୋଲି କହିଛନ୍ତି ସୁଧୀର କୁମାର। ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ଉଦ୍ଦେଶ୍ୟରେ ଡାକ୍ତର ସୁଧୀର କୁମାର କୌଣସି ପ୍ରକାର ଡିଜିଟାଲ ଡିଭାଇସର ସ୍କ୍ରିନକୁ ଦୀର୍ଘ ସମୟ ଧରି ନ ଦେଖିବା ଲାଗି ପରାମର୍ଶ ଦେଇଛନ୍ତି। ଏହାସହ ୨୦-୨୦-୨୦ ନିୟମ ଲାଗି ପରାମର୍ଶ ଦେଇଛନ୍ତି। ଏହି ନିୟମଟି ହେଲା, ପ୍ରତି ୨୦ ମିନଟରେ ୨୦ ସେକଣ୍ଡ ବ୍ରେକ ନିଅନ୍ତୁ ଏବଂ ୨୦ ଫୁଟ ଦୂରକୁ ଦେଖିବାକୁ ଚେଷ୍ଟା କରନ୍ତୁ।

## ଋଷ-ଭାରତ ସମ୍ପର୍କ ଅଧିକ ସୁଦୃଢ଼ ହେଉଥିବାରୁ ଆମେରିକା ଚିନ୍ତିତ



**ୱାସିଂଟନ :** ଋଷ୍-ୟୁକ୍ରେନ୍ ଯୁଦ୍ଧ ଭିତରେ ଆମେରିକା ଓ ସମଗ୍ର ୟୁରୋପ ୟୁକ୍ରେନ୍ର ପକ୍ଷ ନେବା ସହ ଋଷ୍ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ସ୍ଥିତିରେ ଭାରତ କିନ୍ତୁ ଋଷ୍ ସହ ତା'ର ପୂର୍ବ ସଂପର୍କରେ କାଏମ ରହିଛି। ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଏନ୍‌ଏସ୍‌ଏ ଅଜିତ ଡୋଭାଲ୍‌ଙ୍କ ମସ୍କୋ ଗସ୍ତ ପୂରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିବା ବେଳେ ଉଭୟ ରାଷ୍ଟ୍ର ଦ୍ୱିପାକ୍ଷିକ ରଣନୀତିକ ସଂପର୍କ ଅଧିକ ସୁଦୃଢ଼ କରିବାକୁ ସହମତ ହୋଇଛନ୍ତି। ଏଭଳି ସ୍ଥିତିରେ ଋଷ୍ ବିରୋଧୀ ରଣନୀତିରେ ବିଦେଶ ନୀତି ପରିଚାଳନା କରୁଥିବା ଆମେରିକାର ଚିନ୍ତା ବଢ଼ିଛି। ଡେମୋକ୍ରାଟିକ୍ ପାର୍ଟି ଦ୍ୱାରା ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ ବାଇଡେନ ପ୍ରଶାସନ ଏକ ସୁଦୃଢ଼ ଓ ଗଣତାନ୍ତ୍ରିକ ଭାରତକୁ ସମର୍ଥନ କରିବା ସହ ଋଷ୍ ବିରୋଧରେ କଠୋର କଟକଣା ଜାରି ରଖିବା ଆବଶ୍ୟକ। ଭାରତ ବିରୋଧରେ ଆମେରିକା କଟକଣା ଜାରି କରିବା ନେଇ ପୂର୍ବରୁ କେତେକ ଚେତାବନୀ ଦିଆଯାଇଥିବା ବେଳେ ଭାରତ ଏହାକୁ ଭୃକ୍ଷେପ ନକରି ଋଷ୍ ସହ ବ୍ୟବସାୟିକ ସଂପର୍କ ବୃଦ୍ଧି କରିଥିଲା।

## ୨୦୦୪-୧୪ ଥିଲା ଘୋଟାଲା ଦଶନ୍ଧି : ମୋଦି


**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ସଂସଦରେ ଧନ୍ୟବାଦ ପ୍ରସ୍ତାବରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ରଖିଛନ୍ତି। ଏହି ଅବସରରେ ମୋଦି କଂଗ୍ରେସ ଉପରେ ନିଶାନା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧି ଆଦାନି ପ୍ରସଙ୍ଗ ସହ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ନେଇ ବିଜେପିକୁ ଘେରିଥିଲେ। ଆଜି ପ୍ରଧାନମନ୍ତ୍ରୀ ପାଲଟା ଜବାବ ଦେଇ କଂଗ୍ରେସର ଅମଳର ଦୁର୍ନୀତି ସବୁଠାରୁ ବଡ଼ ଏବଂ ଭୟଙ୍କର ବୋଲି କହିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଧନ୍ୟବାଦ ପ୍ରସ୍ତାବ ଉପରେ ବିଜେପି ବିରୋଧରେ ଜୋରଦାର ହମଲା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭାରେ କହଛନ୍ତି ଯେ, ୟୁପିଏ ଅମଳର ଶାସନ ଦେଶକୁ ବରବାଦ କରିଛି। ୨୦୦୪ରୁ ୨୦୧୪ ମଧ୍ୟରେ ୟୁପିଏର ୧୦ ବର୍ଷ ଶାସନ ଦୁର୍ନୀତି ଏବଂ ହିଂସାର ସମୟ ଥିଲା। ଦେଶରେ ସଙ୍କଟ ପରିସ୍ଥିତି ସୃଷ୍ଟି କରିବା ୟୁପିଏର କାର୍ଯ୍ୟ ଥିଲା।



କଂଗ୍ରେସ ଉପରେ ଆକ୍ରମଣ କରି ମୋଦି କହିଛନ୍ତି ଯେ, ୨୦୦୪ରୁ ୨୦୧୪ ମଧ୍ୟରେ ଦେଶରେ ମୁଦ୍ରାସ୍ଫୀତି ହାର ଅଧିକ ଥିଲା। ଅବଶ୍ୟ ଏବେ କିଛି ଲୋକ ବିକାଶ ଦେଖି ପାରୁନାହାନ୍ତି। ସେମାନେ ବେକାରୀ ଉଚ୍ଛେଦ ପାଇଁ ପ୍ରତିଜ୍ଞା କରିଥିଲେ। କିନ୍ତୁ ଭାରତୀୟ ସ୍ୱାଧୀନତାର ସବୁଠାରୁ ଦୁର୍ନୀତିଗ୍ରସ୍ତ ଦଶନ୍ଧି ଥିଲା ବୋଲି ମୋଦି କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧି ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ପ୍ରବଳ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଶିଳ୍ପପତି ଗୌତମ ଆଦାନିଙ୍କୁ ତାଙ୍କ ବ୍ୟବସାୟ ସାମ୍ରାଜ୍ୟ ବଢ଼ାଇବାରେ ସହଯୋଗ କରିଛନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ରାହୁଲ କହିଥିଲେ ଯେ, ତାମିଲନାଡୁଠାରୁ ଆରମ୍ଭ କରି କେରଳ ଏବଂ ହିମାଚଳପ୍ରଦେଶ ପର୍ଯ୍ୟନ୍ତ ସବୁଠି କେବଳ ଆମେ ଗୋଟିଏ ନାମ ଆଦାନି ଶୁଣିଛୁ। ରାହୁଲ କହିଛନ୍ତି, ଭାରତ ଯୋଡ଼ା ଯାତ୍ରା ସମୟରେ ଲୋକମାନେ ମତେ ପଚାରିଛନ୍ତି, ଆଦାନି କିଭଳି ବିଭିନ୍ନ କ୍ଷେତ୍ରରେ ଏତେ ସଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ସମ୍ପର୍କ କ'ଣ ? ରାହୁଲ ଲୋକସଭାରେ କହିଛନ୍ତି, ମୋଦି ଯେଉଁ ରାଷ୍ଟ୍ରକୁ ଯାଇଛନ୍ତି ସେଠାରେ ଆଦାନି କଣ୍ଟ୍ରାକ୍ଟ ପାଇଛନ୍ତି। ଆଦାନି ଗ୍ରୁପ୍ ୬ ବିମାନବନ୍ଦର କଣ୍ଟ୍ରାକ୍ଟ ପାଇବା ପାଇଁ ନିୟମ ବି ବଦଳାଯାଇଛି ବୋଲି ରାହୁଲ ଅଭିଯୋଗ କରିଥିଲେ।

## ଜାତିପ୍ରଥା ଆମ ସମାଜରୁ ବିଲୋପ ହୋଇଯିବା ଉଚିତ୍ : ଆରଏସଏସ ମୁଖ୍ୟ

**ନୂଆଦିଲ୍ଲୀ:** ଜାତିପ୍ରଥାକୁ ନେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ମୁଖ୍ୟ ମୋହନ ଭାଗବତଙ୍କ ବୟାନ ବିତର୍କଘେରାକୁ ଟାଣିଛି। ଆରଏସସ ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ, ଇଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ। ଶାସ୍ତ୍ର ଆଧାରରେ କିଛି ପଣ୍ଡିତ ଓ ବ୍ରାହ୍ମଣମାନେ ଜାତିପ୍ରପ୍ରଥା ତିଆରି କରିଛନ୍ତି। ଯାହା ସମ୍ପୂର୍ଣ୍ଣ ମିଥ୍ୟା। ବିଭିନ୍ନ ଆଧାରରେ ନାମ ଏବଂ ସନ୍ମାନ ପ୍ରଦାନ କରି ତିଆରି ହୋଇଥିବା ଜାତିପ୍ରଥା ସମ୍ପୂର୍ଣ୍ଣ ଭୁଲ। ସମାଜର କୌଣସି ପାର୍ଥକ୍ୟ ନାହିଁ, ଦେଶରେ ସମସ୍ତେ ସମାନ। ଜାତିପ୍ରଥାକୁ ନେଇ ଦେଶରେ ଏକ ପ୍ରକାର ଭ୍ରମାତ୍ମକ ବାର୍ତ୍ତା ପ୍ରସାରଣ କରାଯାଉଛି। ଏହି ଜାତିପ୍ରଥା ଆମ ସମାଜ ବିଲୋପ ହୋଇଯିବା ଉଚିତ୍। ୧୯୫୦ ମସିହାରେ ଜାତିପ୍ରଥା ଏକ ପ୍ରକାର ଉଚ୍ଛେଦ କରାଯାଇଥିଲା। ତେବେ ପୁଣି ଥରେ କାହିଁକି ଏହି ଜାତିପ୍ରଥା ଭେଦଭାବ ଆଧାରରେ ପ୍ରଚଳନ



କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଫଳରେ ଦଳିତ ଶ୍ରେଣୀର ଲୋକେ ଅଧିକ ହିଂସାରେ ଶିକାର ହେଉଥିବା ସେ କହିଛନ୍ତି। ସମାଜର ପଦାନୁକ୍ରମ ଅନୁସାରେ ହିନ୍ଦୁ ବର୍ଣ୍ଣ ବ୍ୟବସ୍ଥା ତିଆରି ହୋଇଛି। ହିନ୍ଦୁ ଜାତି ବ୍ୟବସ୍ଥାର ୪ଟି ଶ୍ରେଣୀ ରହିଛି। ବ୍ରାହ୍ମଣ (ପୂଜକ), କ୍ଷେତ୍ରୀୟ(ଯୁଦ୍ଧ) ବୈଶ୍ୟ(ବ୍ୟାପାର) ଏବଂ ସୂଦ୍ର(ସେବା)। ବର୍ଣ୍ଣ ବ୍ୟବସ୍ଥାରେ ସମସ୍ତଙ୍କୁ ସବର୍ଣ୍ଣ କୁହାଯାଉଥିଲା। କିନ୍ତୁ ଏହି ବର୍ଣ୍ଣ ବ୍ୟବସ୍ଥାରେ ଦଳିତ ଏବଂ ଆଦିବାସୀ ବାଦ ପଡ଼ିଥିଲେ। ଏମାନଙ୍କୁ ଅବର୍ଣ୍ଣ କୁହାଯାଉଥିଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଜାତିଭେଦ ଆଳରେ ଆମ ପୂର୍ବଜମାନେ ଆମରି ଭାଇଭଉଣୀଙ୍କୁ ଅମାନବିକ ନିର୍ଯାତନା ଦେଇ ଯେଉଁ ପାପ କରିଥିଲେ ତାହାର ପ୍ରାୟଶ୍ଚିତ ଆବଶ୍ୟକ। ବର୍ତ୍ତମାନ ସମୟରେ ଜାତି ଓ ବର୍ଣ୍ଣ ବ୍ୟବସ୍ଥା ଅପ୍ରାସଙ୍ଗିକ। ଜାତିପ୍ରଥା ଓ ତାରି ଆଧାରିତ ଘୃଣିତ ଅସ୍ପୃଶ୍ୟତା, ହିନ୍ଦୁ ଧର୍ମର କଳଙ୍କିତ ଅଧ୍ୟାୟ। ସୁଦୀର୍ଘ ଅତୀତରେ ବର୍ଣ୍ଣ ବ୍ୟବସ୍ଥାର ପ୍ରଚଳନ ଥିଲା, କିନ୍ତୁ ବଂଶାନୁକ୍ରମିକ ନ ଥିଲା। ଗୁରୁକୁଳରେ ଶିକ୍ଷା ସମାପ୍ତି ପରେ ଶିଷ୍ୟ/ଶିଷ୍ୟାଙ୍କର ବୃତ୍ତିଗତ ଆଗ୍ରହ ଆଧାରରେ ଗୁରୁ ସେମାନଙ୍କୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଭାବେ ଅଭିହିତ କରୁଥିଲେ। ବଂଶଗତ ନୁହେଁ, ଗୁଣ ଏବଂ କର୍ମ ଆଧାରରେ ବର୍ଣ୍ଣ ନିରୂପଣ କରାଯାଉଥିଲା ଏବଂ କୌଣସି ବୃତ୍ତି ଉଚ୍ଚ କିମ୍ବା ନୀଚ ନ ଥିଲା। କ୍ରମଶଃ ସମାଜ କୁସଂସ୍କାର ଓ ଅନ୍ଧବିଶ୍ୱାସରେ କବଳିତ ହେବା ପରେ ଜାତିବ୍ୟବସ୍ଥା ବଂଶାନୁକ୍ରମିକ ରୂପ ନେଲା। ଜାତିପ୍ରଥା ଲୋପ ପାଇଲେ ଜାତି ଆଧାରିତ ଦୁଇଟି ବ୍ୟବସ୍ଥାର ଅନ୍ତ ଘଟିବ। କଳଙ୍କିତ ଅସ୍ପୃଶ୍ୟତା ଓ ଜାତିଭିତ୍ତିକ ଆରକ୍ଷଣ ବ୍ୟବସ୍ଥା। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆମେ ଅବଶ୍ୟ ସ୍ୱୀକାର କରିବା, ଗ୍ରାମାଞ୍ଚଳରେ ଘୃଣିତ ଅସ୍ପୃଶ୍ୟତାର ଉତ୍କଟ ପ୍ରଭାବ ହ୍ରାସ ପାଇବାରେ ଲାଗିଛି; ଯଦିଓ ସଂପୂର୍ଣ୍ଣ ଲୋପ ପାଇଛି ବୋଲି ସନ୍ତୋଷ ପ୍ରକଟ କରିପାରିବା ନାହିଁ। ଆଶା କରିବା, ଆଗାମୀ କିଛି ଦଶନ୍ଧିରେ ଏହାର ବଂଶ ନାଶ ହେବ। ଦ୍ୱିତୀୟତଃ ସରକାରୀ ସ୍ତରରେ ଆରକ୍ଷଣ ବ୍ୟବସ୍ଥା ରହିଥିବାରୁ ଜାତିବାଦ ଭୟଙ୍କର ରୂପରେ କାୟା ବିସ୍ତାର କରିଚାଲିଛି। ଜାତିପ୍ରଥା ଲୋପ ପାଇଲେ ସଂରକ୍ଷଣ ବ୍ୟବସ୍ଥାର ଆଉ ଆବଶ୍ୟକତା ରହିବ ନାହିଁ ବୋଲି ସେ କହିଛନ୍ତି।

## ମସ୍‌ଜିଦକୁ ନମାଜ ପାଇଁ ମହିଳାମାନେ ଆସିପାରିବେ

**ନୂଆଦିଲ୍ଲୀ :** ସର୍ବଭାରତୀୟ ମୁସଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲବି) ପକ୍ଷରୁ ଆଜି ସୁପ୍ରିମକୋର୍ଟରେ ଅବଗତ କରାଯାଇଛି ଯେ ମହିଳାମାନେ ମସଜିଦ ଯାଇ ନମାଜ କରିବାକୁ କୌଣସି ମୁସଲିମ ଶାସ୍ତ୍ରରେ ମନା ନାହିଁ। କିନ୍ତୁ ନମାଜ କରିବାକୁ ଯାଇ ମସଜିଦର ସାଧାରଣ ସ୍ଥାନରେ ଅନ୍ୟ ପୁରୁଷମାନଙ୍କ ସହ ଅବାଧ ମିଳାମିଶା କରିବାକୁ ବାରଣ ଅଛି। ମୁସଲିମ୍ ପର୍ସନାଲ ଲ ବୋର୍ଡ ପକ୍ଷରୁ ଏକ ସତ୍ୟପାଠରେ କୁହାଯାଇଥିଲା ଯେ ମସଜିଦରେ ପୁରୁଷ ଓ ମହିଳାଙ୍କ ଅବାଧ ମିଳାମିଶାକୁ କୌଣସି ଧର୍ମଶାସ୍ତ୍ରରେ ଅନୁମତି ଦିଆଯାଇ ନାହିଁ। ମକ୍କାର କାବାରେ ଉଭୟ ପୁରୁଷ ଓ ମହିଳା ନମାଜ କରିବାକୁ ଅନୁମତି ପାଇଥାନ୍ତି। କିନ୍ତୁ ଅସ୍ଥାୟୀ ବାରିକେଡ୍ କରି ପୁରୁଷ ଓ ମହିଳାଙ୍କୁ ଅଲଗା ଅଲଗା ବାଟରେ ଯାଇ ଅଲଗା ସ୍ଥାନରେ ବସି ନମାଜ କରିବାକୁ ସୁଯୋଗ ଦିଆଯାଇଥାଏ।

**ଚୀନ୍‌ର ଗୁପ୍ତଚର ବେଲୁନ୍‌କୁ ନେଇ ବଡ଼ ଖୁଲାସା**

# ୪୦ ଦେଶ ଉପରେ ବେଲୁନ୍ ଉଡାଇ ଗୁଇନ୍ଦାଗିରି କରୁଛି ଚୀନ୍

**ନୂଆଦିଲ୍ଲୀ :** ଚୀନ୍‌ର ଗୁପ୍ତଚର ବେଲୁନ୍ ବିଷୟରେ ଏକ ବଡ଼ ଖୁଲାସା ହୋଇଛି। ଆମେରିକାର ଅଧିକାରୀମାନେ ଦାବି କରିଛନ୍ତି ଯେ ଚୀନ୍ କେବଳ ଆମେରିକା ଏବଂ ଭାରତରେ ନୁହେଁ ବରଂ ଅନ୍ୟାନ୍ୟ ୪୦ଟି ଦେଶ ଉପରେ ଗୁପ୍ତଚର ବେଲୁନ୍ ଉଡାଇ ଗୁଇନ୍ଦାଗିରି କରୁଛି। ଏନେଇ ଆମେରିକାର ଡେପୁଟି ସେକ୍ରେଟେରୀ ୱେଣ୍ଡି ଶେର୍ମାନ ଏହି ପ୍ରସଙ୍ଗ ସହ ଜଡିତ ଥିବା ଭାରତ ସମେତ ବିଶ୍ୱର ୪୦ଟି ଦେଶର ଦୂତାବାସକୁ ସୂଚନା ଦେଇଛନ୍ତି। ଫେବୃଆରୀ ୪ ଶନିବାର ଆମେରିକା ଆକାଶରେ ଉଡୁଥିବା ଚାଇନା ସ୍ପାଏ ବେଲୁନକୁ ମିସାଇଲ ମାଡ କରି ଖସାଇ ଦେଇଥିଲା ଆମେରିକା। ଏହି ଗୁଇନ୍ଦା ବେଲୁନଟି ଏବେ ଖଣ୍ଡ ଖଣ୍ଡ ହୋଇ ଆଟଲାଣ୍ଟିକ ମହାସାଗରରେ ପଡିଥିଲା। ଆମେରିକାର ଏୟାରଫୋର୍ସ ଏହି ଗୁଇନ୍ଦା ବେଲୁନଟିକୁ ଉଡାଇ ଦେଇଛି। ଯାହାର ଭିଡିଓ ମଧ୍ୟ ଏବେ ସାମ୍ନାକୁ ଆସିଛି। କୁହାଯାଉଥିଲା ଚୀନ୍ ଆମେରିକା ଆକାଶରେ ବେଲୁନ ଉଡାଇ ଗୁଇନ୍ଦାଗିରି କରୁଥିଲା। ଫେବୃଆରୀ ୧ରେ ଆମେରିକାର ପଶ୍ଚିମ ପ୍ରାନ୍ତରେ ଏହି ଗୁଇନ୍ଦା ବେଲୁନ ଉଡୁଥିବା ଦେଖିବାକୁ ମିଳିଥିଲା। ପରେ ଏହାକୁ ନେଇ ପେଣ୍ଟାଗନ ଅଫିସରେ ମଧ୍ୟ ଜୋରଦାର ଚର୍ଚ୍ଚା ହୋଇଥିଲା। ତେବେ ଆମେରିକା ଆକାଶରେ ଉଡୁଥିବା ଚୀନର ଏହି ବେଲୁନକୁ ଉଡାଇବାକୁ ଏତେ ସହଜ ନଥିଲା। କାରଣ ଚୀନର ଏହି ବେଲୁନରେ ସେନସର ସହିତ ଅନେକ କିଛି ସକ୍ରିୟ ରହିଥିଲା। ତେଣୁ ହଠାତ୍ ବେଲୁନଟିକୁ ଉଡାଇବାକୁ ଚେଷ୍ଟା କଲେ ବଡ ବିସ୍ଫୋରଣ ହେବାର ସମ୍ଭାବନା ମଧ୍ୟ ଥିଲା। ତେଣୁ ଆମେରିକାର ଏୟାରଫୋର୍ସ ଏଫ-୨୨ ଫାଇଟର ଜେଟ ଲଗାଇ ବେଲୁନଟିକୁ ଉଡାଇ ଦେଇଥିଲା। ଏହି ସ୍ପାଏ ବେଲୁନଟି ଭୂପୃଷ୍ଠରୁ ୫୮ ହଜାର ଫୁଟ ଉଚ୍ଚରେ ଉଡୁଥିଲା। ୱାଶିଂଟନ୍ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଜାପାନ, ଭାରତ, ଭିଏତନାମ, ତାଇୱାନ,



ଫିଲିପାଇନ୍ସ ଭଳି ଦେଶ ଯେଉଁମାନଙ୍କ ସହ ଚୀନର ବିବାଦ ରହିଛି। ସେହି ସବୁ ଦେଶ ଉପରେ ଗୁପ୍ତଚର ବେଲୁନ୍ ଉଡାଇ ଅନେକ ବର୍ଷ ଧରି ଗୁପ୍ତଚର କରିଆସୁଛି। ଏହା ମାଧ୍ୟମରେ ଚୀନ୍ ଏହି ଦେଶର ସାମରିକ ସମ୍ପତ୍ତି ବିଷୟରେ ସୂଚନା ସଂଗ୍ରହ କରୁଥିବା ନେଇ ୱାଶିଂଟନ୍ ପୋଷ୍ଟ ରିପୋର୍ଟରେ ପ୍ରତିରକ୍ଷା ଏବଂ ଗୁପ୍ତଚର ଅଧିକାରୀମାନେ ଉଲ୍ଲେଖ କରିଛନ୍ତି। ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞ ଏଚ୍.ଆଇ ସଟନଙ୍କ ସୂଚନା ଅନୁସାରେ ଆମେରିକାର ଅନେକ ଗଣମାଧ୍ୟମ କରିଥିବା ରିପୋର୍ଟରେ ଦର୍ଶାଯାଇଛି ଯେ ଡିସେମ୍ବର - ୨୦୨୧ ରୁ ଜାନୁୟାରୀ ୨୦୨୨ ମଧ୍ୟରେ ଚୀନ୍‌ର ଗୁପ୍ତଚର ବେଲୁନ୍ ଭାରତର ସାମରିକ ବେସକୁ ନଜରରେ ରଖିଥିଲା। ଏହି ସମୟରେ ଚାଇନାର ଗୁପ୍ତଚର ବେଲୁନ୍ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ପୋର୍ଟ ବ୍ଲେୟାର ଉପରେ ଉଡ଼ିଥିଲା। ସେହି ସମୟରେ ଏହାର ଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଚିନ୍ତାର ବିଷୟ ଯେ ଡିସେମ୍ବର ୨୦୨୧ ର ଶେଷ ସପ୍ତାହରେ, ଭାରତୀୟ ସେନାର ସମସ୍ତ ତିନି ବାହିନୀ (ସ୍ଥଳସେନା, ନୌସେନା ଓ ବାୟୁସେନା)ର ସୈନିକମାନେ ଏକାଠି ହୋଇ ଆଣ୍ଡାମାନ ଏବଂ ନିକୋବରରେ ମିଳିତ ଡ୍ରିଲ କରିଥିଲେ। ଚାଇନାର ଏହି ଗୁପ୍ତଚର ବେଲୁନ୍ କେବଳ ଟ୍ରାଇ ସର୍ଭିସ କମାଣ୍ଡ ସମୟରେ ଆଣ୍ଡାମାନ ଏବଂ ନିକୋବରରେ ଦେଖାଯାଇଥିଲା। ତେବେ ସେତେବେଳେ ଭାରତ ସରକାର ଏହା ଉପରେ କୌଣସ ସରକାରୀ ବିବୃତ୍ତି ଦେଇନଥିଲେ। ସେହି ସମୟ ମଧ୍ୟରେ କିଛି ସ୍ଥାନୀୟ ୱେବସାଇଟରେ ମଧ୍ୟ ଏହି ବିଷୟରେ ଖବର ଚାଲିଥିଲା। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଚିତ୍ରଗୁଡ଼ିକ ଆମେରିକାରେ ମିଳିଥିବା ଚାଇନାର ଗୁପ୍ତଚର ବେଲୁନ୍ ସହିତ ସମାନ ଥିଲା।

### ବିଏମ୍‌ସିକୁ ଶକ୍ତ ଝଟକା

## ଆଦାୟ କରିପାରିବନି ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ



**ଭୁବନେଶ୍ୱର:** ଭୁବନେଶ୍ୱର ମହାନଗର ନିଗମକୁ ଲାଗିଲା ଶକ୍ତ ଝଟକା। ବିଏମ୍‌ସିର ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସ ଆଦାୟ ସମ୍ପର୍କିତ ନିର୍ଦ୍ଦେଶନାମାକୁ ଖାରଜ କରି ଦେଇଛନ୍ତି ହାଇକୋର୍ଟ। ୨୦୧୧ ମସିହାରେ ଭୁବନେଶ୍ୱରବାସୀଙ୍କଠାରୁ ବର୍ଦ୍ଧିତ ହାରରେ ହୋଲଡିଂ ଟ୍ୟାକ୍ସ ଆଦାୟ କରିବାକୁ ବିଜ୍ଞପ୍ତି ଜାରି ହୋଇଥିଲା। ପୁରୁଣା ଟିକସଠାରୁ ବର୍ଦ୍ଧିତ ଟିକସ ପ୍ରାୟ ୧୦ ଗୁଣ ଅଧିକ ଥିଲା। ଏପରିକି ଖାଲି ପଡ଼ିଥିବା ଜାଗା ଉପରେ ମଧ୍ୟ ଟିକସ ଲାଗୁ କରାଯାଇଥିଲା। ପୁରୁଣା ମ୍ୟୁନିସିପାଲିଟି ଆଇନ ଆଧାରରେ ଏହି ବିଜ୍ଞପ୍ତି ଜାରି ହୋଇଥିବାରୁ ମହାନଗର ନିଗମ କ୍ଷେତ୍ରରେ ଏହା ଲାଗୁ କରାଯାଇପାରିବ ନାହିଁ ଦାବିରେ ଭୁବନେଶ୍ୱର କନଫେଡେରେସନ ଅଫ ସିଟିଜେନ୍ସ ଆସୋସିଏସନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପ୍ରାରମ୍ଭିକ ଶୁଣାଣିରେ ହାଇକୋର୍ଟ ସମ୍ପୃକ୍ତ ବିଜ୍ଞପ୍ତିକୁ ଖାରଜ କରିବା ସହ ପୁନର୍ବିଚାର କରିବାକୁ ବିଏମସିକୁ ନିର୍ଦ୍ଦେଶ ଦେଇଥିଲେ। ବିଏମସିର ତତ୍କାଳୀନ କମିଶନର ପ୍ରେମଚାନ୍ଦ ଚୌଧୁରୀ ୨୦୧୯ ଅକ୍ଟୋବରରେ ପୁନର୍ବାର ବର୍ଦ୍ଧିତ ହାରରେ ଟିକସ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୦ ମସିହାରେ ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ବର୍ଦ୍ଧିତ ଟିକସ ଆଦାୟକୁ ରଦ୍ଦ କରିଛନ୍ତି ହାଇକୋର୍ଟ।

### ତାପମାତ୍ରା ବୃଦ୍ଧି ନେଇ ପିସିସିଏଫ୍‌ଙ୍କ ପୂର୍ବାନୁମାନ

## ଏସନ ଜଙ୍ଗଲରେ ଅଧିକ ନିଆଁ ଲାଗିବ

**ଭୁବନେଶ୍ୱର :** ଏବର୍ଷ ଜଙ୍ଗଲରେ ଅଧିକ ନିଆଁ ଲାଗିବା ଅଶଙ୍କା ରହିଛି। ବଢୁଥିବା ତାପମାତ୍ରା ଓ ଦୀର୍ଘଦିନ ହେବ ବର୍ଷା ହୋଇ ନ ଥିବାରୁ ଏଭଳି ମତ ପ୍ରକାଶ କରିଛନ୍ତି ପିସିସିଏଫ୍(ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ) ଦେବୀଦତ୍ତ ବିଶ୍ୱାଳ। ସେ କହିଛନ୍ତି, ୨୦୨୧ରେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ସବୁଠାରୁ ଅଧିକ ଚିହ୍ନଟ ହୋଇଥିଲା। ୨୦୨୨ରେ ଏହି ଏହି ଘଟଣା ପ୍ରାୟ ଅଧା କମିଥିଲା। ଏବର୍ଷ ଜାନୁଆରୀ ଚତୁର୍ଥ ସପ୍ତାହରୁ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହେଲାଣି। ଗଛ ପତ୍ର ଝଡ଼ା ଦେଇଥିବା ବେଳେ ଅନ୍ୟପଟେ ତାପମାତ୍ରା ବଢ଼ିବାରେ ଲାଗିଛି। ଦୀର୍ଘ ଦିନ ହେଲା ବର୍ଷା ନଥିବାରୁ ଜଙ୍ଗଲ ନିଆଁ ଅଧିକ ବ୍ୟାପିବା ଆଶଙ୍କା କରାଯାଉଛି। ଯଦି ନିକଟ ଭବିଷ୍ୟତରେ ବର୍ଷା ନହୁଏ, ତେବେ ଜଙ୍ଗଲ ନିଆଁ ଅଧିକ ଲାଗିବ। ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନିଏ, କିନ୍ତୁ ମନୁଷ୍ୟକୃତ ନିଆଁ ଯୋଗୁ ଜଙ୍ଗଲ ଓ ଜଙ୍ଗଲୀ ପ୍ରାଣୀଙ୍କ ବିଶେଷ କ୍ଷତି ହୋଇଥାଏ। ଅନେକ ଲୋକ ବିଡି ଓ ସିଗାରେଟ ଖାଇବା ପରେ ନଲିଭାଇ ଜଙ୍ଗଲରେ ପକାଇ ଦିଅନ୍ତି। ଅନେକ ଦୁର୍ବୃତ୍ତ ପଶୁ ଶିକାର ନିମନ୍ତେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି। ସେହିପରି ହରିଆନା, ପଞ୍ଜାବ ଭଳି ଓଡ଼ିଶାରେ ଏବେ ମେସିନ୍ ମାଧ୍ୟମରେ ବ୍ୟାପକ ଫସଲ କଟା ଯାଉଥିବାରୁ ଜମିରେ ରହି ଯାଉଥିବା ପାଳ ଓ ପାଳ ବୁଦାକୁ ପୋଡ଼ିବା



ନିମନ୍ତେ ଲୋକେ ନିଆଁ ଲଗାଇ ଦେଉଛନ୍ତି। ଏହା ମଧ୍ୟ କେତେକାଂଶରେ ଜଙ୍ଗଲରେ ନିଆଁ ଲାଗିବାର କାରଣ ହେଉଛି। ଜଙ୍ଗଲରେ ନିଆଁ ଲାଗିବା ଜଣାପଡ଼ିବା ପରେ ବୈଷୟିକ ଜ୍ଞାନକୌଶଳର ସାହାଯ୍ୟ ନିଆଯାଉଛି। ସାଟେଲାଇଟ୍ ଫଟୋ ଆଧାରରେ ଜଙ୍ଗଲ ନିଆଁକୁ ଲିଭାଇବାକୁ ପ୍ରୟାସ କରାଯାଉଛି। ସୂଚନା ମିଳିବା ପରେ ଜଙ୍ଗଲ ନିଆଁ ଲିଭାଇବାରେ ବିଭାଗ ୯୦ ପ୍ରତିଶତ ସଫଳ ହେଉଛି। ଏବେ ଦିନକୁ ୧୦୦ରୁ ଅଧିକ ଜାଗାରେ ନିଆଁ ଲାଗିବା ଖବର ଆସୁଛି। ତେବେ ଆଗକୁ ଜଦି ଜଙ୍ଗଲରେ ନିଆଁ ଲାଗିବା ଘଟଣା ବଢ଼େ ତେବେ ଏହାକୁ କାବୁ କରିବା ବନ ବିଭାଗ ଆଗରେ ଚ୍ୟାଲେଞ୍ଜ ସୃଷ୍ଟି କରିବ। ତେବେ ଜଙ୍ଗଲ ନିଆଁ କାବୁ କରିବାକୁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ବିଭାଗୀୟ କର୍ମଚାରୀ ଓ ସ୍କ୍ୱାଡ୍ ପ୍ରସ୍ତୁତ ଅଛନ୍ତି। ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକରେ ନିଆଁ ନ ଲଗାଇବା ପାଇଁ ଓ ନିଆଁ ଦେଖିଲେ ତୁରନ୍ତ ସୂଚନା ଦେବାକୁ ସଚେତନତା କରାଯାଉଛି।

### ସାକାର ହେବ ବରଗଡ଼ ଜିଲ୍ଲାବାସୀଙ୍କ ସ୍ୱପ୍ନ

## ଜୁଲାଇରୁ କାର୍ଯ୍ୟକ୍ଷମ ହେବ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ

**ଭୁବନେଶ୍ୱର :** ଖୁବଶୀଘ୍ର ବରଗଡ଼ ଜିଲ୍ଲାବାସୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଆସନ୍ତା ଜୁଲାଇ ମାସରେ ଗଙ୍ଗାଧର ମେହେର ଭୂତଳ ପାଇପ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଫଳରେ ପ୍ରାୟ ୨୫୬୦୦ ହେକ୍ଟର ଅର୍ଥାତ୍ ୬୪ହଜାର ଏକର ଜମିକୁ ପାଣି ମିଳିପାରିବ। ଏହାଫଳରେ ବିଜେପୁର, ପଦମପୁର, ସୋହେଲା, ବରପାଲି ଅଞ୍ଚଳର ଜଳକଷ୍ଟ ସମସ୍ୟା ଦୂର ହେବା ସହ ଜଳସେଚନ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ସମୃଦ୍ଧ ହେବ। ଯାହା ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଉ କେଇଟା ଦିନ ପରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ୨୦୧୭ରେ ବିଜେପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାଏବେ ବାସ୍ତବ ରୂପ ନେବାକୁ ଯାଉଛି। ଆସନ୍ତା ଜୁନ୍ ମାସ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ଜୁଲାଇରେ ଏହାର ଲୋକାର୍ପଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨ ହଜାର କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ବିଜେପୁର ବ୍ଲକର୍ ୭୭ଟି ଗାଁର ୧୫୨୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ। ସେହିପରି ସୋହେଲା ବ୍ଲକର ୬୪୦୦ ହେକ୍ଟର, ବରପାଲି ବ୍ଲକର ୧୯ଟି ଗାଁର ୩୮୪୦ ହେକ୍ଟର ଓ ବାକି ବରଗଡ଼ ବ୍ଲକରେ ଜଳସେଚନ ସୁବିଧା ମିଳିବ। ଏହି ପ୍ରକଳ୍ପ ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକରେ ବି ଆଂଶିକ ଜଳସେଚନ ସୁବିଧା ଯୋଗାଇବାରେ ସହାୟକ ହେବ। ଏହି ପ୍ରକଳ୍ପକୁ ଦୁଇ ଭାଗରେ ବିଭାଜିତ କରାଯାଇଛି। ପ୍ରଥମେ ହୀରାକୁଦ ଡ୍ୟାମ୍‌ରୁ ବରଗଡ଼ ମୁଖ୍ୟ କେନାଲ ଯୋଗେ ପାଣି ନେଇ ବରିହାପାଲିରେ ନିର୍ମିତ ଜଳଭଣ୍ଡାରରେ ରଖାଯିବ। ସେଠାରୁ ଜଳକୁ ଆଉ ଗୋଟିଏ ଭଣ୍ଡାରକୁ ଅଣାଯାଇ ଭୂତଳ ପାଇପ ଯୋଗେ ଆୟାକଟ୍ ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ପାଣି ନଷ୍ଟ ନ ହେବା ପାଇଁ କମାଣ୍ଡ ଏରିଆର ୩୦ ପ୍ରତିଶତ ଅଞ୍ଚଳରେ ସ୍ୱୟଂକ୍ରିୟ ମାଇକ୍ରୋ ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି କହିଛନ୍ତି ଯେ ଏହି ପ୍ରକଳ୍ପକୁ ସରକାର ପ୍ରାଥମିକତା ଦେଇ ଆସିଥିବା ବେଳେ ଜୁନ୍ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରି ଜୁଲାଇରେ ଚାଷଜମିକୁ ପାଣି ଛାଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପରେ ଜଳ ଛାଡ଼ିବାର ପୂରା ପ୍ରକ୍ରିୟାକୁ ଅଣ୍ଡର ଗ୍ରାଉଣ୍ଡ ପାଇପଲାଇନ୍ ମାଧ୍ୟମରେ ସମ୍ପାଦିତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୦ ମସିହାରେ ପ୍ରକଳ୍ପ ପାଇଁ ଆହୁତ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲା। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବରଗଡ଼ ଜିଲ୍ଲାର ୪ଟି ବ୍ଲକର ଚାଷ ପାଇଁ ଜଳସେଚନ ସୁବିଧା ଓ ପାନୀୟ ଜଳସଂକଟ ଦୂର ହେବ।

## ଓଡ଼ିଶାକୁ ୩ ବର୍ଷ ପାଇଁ ଫୋକସ୍ ରାଜ୍ୟ ଘୋଷଣା କର: ଭର୍ତ୍ତୃହରି

**ଭୁବନେଶ୍ୱର :** ଓଡ଼ିଶାକୁ ତିନି ବର୍ଷପାଇଁ ସ୍ୱତନ୍ତ୍ର ଫୋକସ ରାଜ୍ୟ ରୂପେ ଘୋଷଣା କରାଯାଉ। ଲୋକସଭାରେ ଗୁରୁବାର ଦିନ ବଜେଟ ଆଲୋଚନାରେ ଭାଗ ନେଇ ଏହି ଦାବି କରିଛନ୍ତି ବିଜେଡି ସାଂସଦ ଭର୍ତ୍ତୃହରି ମହତାବ। ଶ୍ରୀ ମହତାବ କହିଲେ ଯେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓ ନୀତି ଆୟୋଗ ସହିତ ଆଲୋଚନା କରାଯାଇଛି। ବର୍ଷକୁ ବର୍ଷ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। ଆମର ଗୋଟିଏ ମାତ୍ର ଦାବି ହେଉଛି ଓଡ଼ିକୁ ତିନି ବର୍ଷ ପାଇଁ ସ୍ୱତନ୍ତ୍ର ଫୋକସ ରାଜ୍ୟର ମାନ୍ୟତା ପ୍ରଦାନ କରାଯାଉ। ୯୦ ପ୍ରତିଶତ କେନ୍ଦ୍ରୀୟ ଅଂଶଧନ ଏବଂ ୧୦ ପ୍ରତିଶତ ରାଜ୍ୟ ଅଂଶଧନ ଭିତ୍ତିରେ ପାଣ୍ଠି ପ୍ରଦାନ କରାଯାଉ। ଯାହା ଦ୍ୱାରା ସ୍ଥିତି ଉପରେ କାବୁ କରାଯାଇପାରିବ। ଆଲୋଚନାରେ ବିଭିନ୍ନ ପ୍ରସଙ୍ଗ ଉପରେ ନିଜ ମତ ରଖିବା ଅବସରରେ ସେ କହିଲେ, ପିଏମ୍ କିଷାନ ଆବଣ୍ଟନରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୧୩.୩୩ ପ୍ରତିଶତ ଅର୍ଥ ହ୍ରାସ ପାଇଛି। ଏଥି ସହିତ ଚାହିଦା ଆଧାରିତ ଯୋଜନା ମନରେଗାରେ ମଧ୍ୟ ପାଣ୍ଠି ହ୍ରାସ ପାଇଛି।



ରାସନ କାର୍ଡ ୨୦୧୧ରୁ ଅପଡେଟ୍ ହୋଇନାହିଁ। ଭାରତର ୪୦ ପ୍ରତିଶତ ଲୋକ ଏବେବି ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇନାହାନ୍ତି। ସୁପ୍ରିମକୋର୍ଟ ଅଗଷ୍ଟ ୨୦୨୨ ରାୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନକୁ ସଂପ୍ରସାରଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ସୁଦ୍ଧା ଏ ଦିଗରେ କିଛି ହୋଇନାହିଁ। ପ୍ରଥମେ ଜନଗଣନା କାର୍ଯ୍ୟ ଶେଷ ହେଉ ବୋଲି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଉଛି। ଫୁଡ୍ ସବ୍ସିଡି ଅନୁଦାନ ହ୍ରାସ କରାଯାଇଛି। ଯାହାଦ୍ୱାରା ଓଡ଼ିଶା ପ୍ରଭାବିତ ହେବ। ୨୦୨୨-୨୩ ରେ ଖାଦ୍ୟ ସବ୍ସିଡି ବାବଦରେ ୨ ଲକ୍ଷ ୧୪ ହଜାର ୫୯୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ଚଳିତ ବଜେଟରେ ଏହାକୁ ହ୍ରାସ କରାଯାଇ ୧ ଲକ୍ଷ ୩୭ ହଜାର ୨୦୭ କୋଟି ଟଙ୍କା କରାଯାଇଛି। ସେହିଭଳି ଖାଦ୍ୟଶସ୍ୟ ସଂଗ୍ରହ ବିକେନ୍ଦ୍ରୀକରଣ ଖାଦ୍ୟ ସବସିଡି ବାବଦରେ ଗତବର୍ଷ ୭୨,୨୮୩ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ଏହାର ପରିମାଣ ରହିଛି ୫୯,୭୯୬ କୋଟି ଟଙ୍କା। ସେ କହିଲେ ଯେ ସରକାର କହି ପାରନ୍ତି ଆମେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ପ୍ରତ୍ୟାହାର କରିନେଇଛୁ। ତେଣୁ ଅଧିକ ଶସ୍ୟ ସଂଗ୍ରହ କରିବାର ଆବଶ୍ୟକତା ନାହିଁ। ହେଲେ ଓଡ଼ିଶାରେ ୭୨ ନିୟୁତ ଟନରୁ ଅଧିକ ଧାନ ସଂଗ୍ରହ ହୋଇଥାଏ। ଏହାକୁ ରାଜ୍ୟ ସରକାର ଓ ଏଫ୍‌ସିଆଇ କିଣିଥାନ୍ତି। ସବସିଡି ଆବଣ୍ଟନରେ ହ୍ରାସ ଓ ଧାନ ସଂଗ୍ରହ କମାଯିବା ଯୋଗୁ ଓଡ଼ିଶା ଯଥେଷ୍ଟ ପ୍ରଭାବିତ ହେଉଛି। କାହିଁକି ଓଡ଼ିଶା ପ୍ରତି ଏଭଳି ବୈମାତୃକ ମନୋଭାବ ବୋଲି ଶ୍ରୀ ମହତାବ ପ୍ରଶ୍ନ କରିଥିଲେ। ଏଫ୍‌ସିଆଇ ଉଷୁନା ଚାଉଳ ଉଠାଉ ନାହିଁ ବୋଲି ଶ୍ରୀ ମହତାବ କହିଥିଲେ।

## ମନରେଗାକୁ ସଙ୍କୁଚିତ କରୁଛନ୍ତି କେନ୍ଦ୍ର ସରକାର



**ଭୁବନେଶ୍ୱର :** ମନରେଗାକୁ ସଙ୍କୁଚିତ କରୁଛି କେନ୍ଦ୍ର। ୨୦୨୨-୨୩ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଣ୍ଠି ୭୩ ହଜାର କୋଟିରୁ ୬୦ ହଜାର କୋଟିକୁ ହ୍ରାସ କରାଯାଇଛି। ଲଗାତର ଭାବେ ଓଡ଼ିଶା ପ୍ରତି କେନ୍ଦ୍ର ଏପରି ବୈମାତୃକ ମନୋଭାବ ପୋଷଣ କରୁଛି ବୋଲି ଉଭୟ ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି। ବଜେଟରେ କେନ୍ଦ୍ର ମନରେଗା ଅର୍ଥ ହ୍ରାସ କରି ଗରିବ ଲୋକଙ୍କ ପେଟକୁ ଲାତ ମାରୁଛି ବୋଲି ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ମନରେଗାରେ ଗରିବ ଲୋକଙ୍କୁ କାମ ଦିଆଯାଏ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରୁ ୫କେଜି ଚାଉଳ କାଟି କେନ୍ଦ୍ର ଗରିବଙ୍କ ଭାତ ହାଣ୍ଡିରୁ ଚାଉଳ କାଢ଼ି ନେଇଛି। ଏବେ ମନରେଗାରେ କେନ୍ଦ୍ର ସରକାର ଶ୍ରମିକମାନଙ୍କ ରୋଜଗାର ବାଟ ବନ୍ଦ କରିଦେଇଛି। ଯାହାକୁ ନେଇ କେନ୍ଦ୍ର ବିରୋଧରେ ଉଠିଛି ଅସନ୍ତୋଷର ନିଆଁ। ବିଧାନସଭାର ବଜେଟ ଅଧିବେଶନରେ ଏହି ପ୍ରସଙ୍ଗକୁ ଗୃହରେ ଉଠାଇ କେନ୍ଦ୍ରକୁ ଜବାବ ମଗାଯିବ ବୋଲି କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା କହିଛନ୍ତି। ମନରେଗାରେ ବଜେଟରେ ଅର୍ଥ ହ୍ରାସ କରାଯିବା ପରେ ରାଜ୍ୟ ସରକାର କିପରି ନିଜସ୍ୱ ଅର୍ଥରେ ଗରିବ ଲୋକମାନଙ୍କୁ କାମ ଯୋଗାଇ ଦେବ ସେ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ଶାସକ ଦଳ କହିଛି। କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଲଗାତର ଭାବେ ଓଡ଼ିଶା ପ୍ରତି ବୈମାତୃକ ମନଭାବ ଦେଖାଉଥିଲେ ମଧ୍ୟ ରାଜ୍ୟ ବିଜେପି ଲୋକଙ୍କ ସ୍ୱାର୍ଥକୁ ଭୁଲି କେନ୍ଦ୍ର ପାଇଁ ଓକିଲାତି କରିଛି। ବଜେଟରେ ମନରେଗା ଅର୍ଥ କାଟ ନେଇ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ ଏଯାଏ କେନ୍ଦ୍ର ସରକାରଙ୍କ ପାଖରେ ମନରେଗା ବାବଦରେ ୭୫୦କୋଟି ଅର୍ଥ ବାକି ପଡ଼ିଛି।

## 'ଖୁସି' ଦିଗହରା; ଛାତ୍ରୀ ପାଉନାହାନ୍ତି ସାନିଟାରୀ ନାପ୍‌କିନ

**ଭୁବନେଶ୍ୱର :** କିଶୋରୀ ତଥା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କୁ ମାଗଣାରେ ସାନିଟାରୀ ନାପକିନ୍ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିଲେ 'ଖୁସି' ଯୋଜନା। ୨୦୧୮ରେ ଆରମ୍ଭ ହୋଇଥିବା ଏହି ଯୋଜନା ଆରମ୍ଭରୁ ବର୍ଷ କେଇଟା ଭିତରେ ଝୁଣ୍ଟିଲା। କରୋନା ମହାମାରୀ ଆସିବା ପରଠୁ ଏହା ଦିଗହରା ହୋଇଯାଇଛି। ଛାତ୍ରୀଙ୍କୁ ସାନିଟାରୀ ନାପକିନ୍ ବଣ୍ଟାଯାଉ ନ ଥିବାରୁ ସେମାନେ ବାଧହୋଇ ବଜାରରୁ ଏହାକୁ କିଣୁଛନ୍ତି। କେତେକ ସ୍ଥାନରେ ସାନିଟାରୀ ନାପକିନ୍ ଖତ ଖାଉଛି। କେଉଁ ବିଦ୍ୟାଳୟରେ ମିଳୁଛି ତ ଆଉ କେଉଁଠି ଆଦୌ ଦିଆଯାଉନି। ଏଭଳି ଅବ୍ୟବସ୍ଥା ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଋତୁସ୍ରାବକୁ ନେଇ ମହିଳାଙ୍କ ମଧ୍ୟରେ ଥିବା ସଙ୍କୋଚ ମନୋଭାବ ଦୂର କରିବା ସହ ଏହି ସମୟରେ ସେମାନେ କିପରି ନିଜର ଆବଶ୍ୟକ ଯତ୍ନ ନେଇପାରିବେ, ସେନେଇ ବିଦ୍ୟାଳୟସ୍ତରରୁ କିଶୋରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସରକାର ଆରମ୍ଭ କରିଥିଲେ ଖୁସି ଯୋଜନା। ୨୦୧୮ ଫେବୃଆରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଯୋଜନାରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୭ ଲକ୍ଷ ଛାତ୍ରୀଙ୍କୁ ବର୍ଷକୁ ୧୨ ପ୍ୟାକେଟ୍ ଲେଖାଏଁ ନାପକିନ୍ ବଣ୍ଟନ ପାଇଁ ବ୍ୟବସ୍ଥା ହୋଇଥିଲା। ଏହାସହ ଗ୍ରାମାଞ୍ଚଳରେ ଆଶାକର୍ମୀଙ୍କ ସହାୟତାରେ ରିଆତି ଦରରେ ମହିଳାଙ୍କୁ ସାନିଟାରୀ ନାପକିନ୍ ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସଚେତନାତା ସୃଷ୍ଟି କରିବା ଲାଗି ପ୍ରତି ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତି ଜିଲାର ବ୍ଲକରେ ଏକ ଷ୍ଟୋରେଜ ପଏଣ୍ଟ ମଧ୍ୟ କରାଯାଇଥିଲା। ୨ରୁ ୩ ମାସ ଲାଗି ପ୍ରତି ଛାତ୍ରୀଙ୍କୁ ତିନୋଟି ସାନିଟାରୀ ପ୍ୟାକେଟ ପ୍ରଦାନ କରାଯାଉଥିଲା। କିନ୍ତୁ ବର୍ଷ କେଇଟା ଭିତରେ ଏଥିରେ ଅବ୍ୟବସ୍ଥା ଦେଖିବାକୁ ମିଳିଲା। ଏପରିକି ନାପକିନ୍ ପ୍ରସ୍ତୁତକାରୀ କମ୍ପାନୀ ମନୋନୟନରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ




କରାଯାଇଥିବା ଅଭିଯୋଗ ଆସିଥିଲା। ଏସବୁ ଭିତରେ ବିଦ୍ୟାଳୟରେ କେତେକାଂଶରେ ସଫଳତାର ସହ ନାପକିନ୍ ବଣ୍ଟାଯାଉଥିଲା। ହେଲେ କରୋନା ମହାମାରୀ ଆସିବା ପରେ ବିଦ୍ୟାଳୟ ବନ୍ଦ ରହିଲା। ସେବେଠୁ ଏ ଯୋଜନା ବାଟବଣା ହୋଇଗଲା। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସାନିଟାରୀ ନାପକିନଗୁଡ଼ିକ ଖତ ଖାଇଲା। ସୂଚନା ଅନୁସାରେ, ଗତ କିଛି ମାସରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍କୁଲରେ ୧୭ହଜାର ୯୨୨ଜଣ ଛାତ୍ରୀଙ୍କୁ ୯ଲକ୍ଷ ୬୭ ହଜାର ୬୮୮ଟି ସାନିଟାରୀ ନାପକିନ ଦିଆଯାଇଛି। ବାଲେଶ୍ୱର ଜିଲାରେ ଯୋଜନାର ୨ ବର୍ଷ ମଧ୍ୟରେ ୧୬୫୫ ଛାତ୍ରୀଙ୍କୁ ୮ଲକ୍ଷ ୬୬ହଜାର ୯୭୦ଟି ସାନିଟାରୀ ନାପକିନ ମିଳିଛି। ଢେଙ୍କାନାଳ ଜିଲାରେ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ମୋଟ୍ ୧କୋଟି ୨୩ଲକ୍ଷ ୩ହଜାର ୮୯୮ ଖଣ୍ଡ ନାପକିନ ଯୋଗାଣ ହୋଇଥିବାବେଳେ ୧ କୋଟି ୪୮ ହଜାର ୨୨୨ଟି ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୨୨ଲକ୍ଷ ୫୫ ହଜାର ୬୭୬ଖଣ୍ଡର ହିସାବ କାହାରି ପାଖରେ ନାହିଁ। ସେହିପରି ସମ୍ବଲପୁର ଜିଲାରେ ୫୬ ହଜାର ୩୦୦ ଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ. ଉର୍ମିଳା ଦାସ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହା ଏକ ଭଲ ଯୋଜନା। କିନ୍ତୁ କରୋନା ପରଠାରୁ ଏହି ଯୋଜନାରେ ଅନିୟମିତତା ଦେଖାଦେଇଛି। ମହିଳା କଲେଜରେ ଛାତ୍ରୀଙ୍କୁ ସାନିଟାରୀ ନାପକିନ୍ ଯୋଗାଣର ଆବଶ୍ୟକତା ରହିଛି। କିନ୍ତୁ ଗତ ଦୁଇବର୍ଷ ହେଲା ଆମ ପାଖକୁ କିଛି ଆସିନି।


### 'ନିକ୍ଷୟ ପୋଷଣ' ଯୋଜନାରେ ମିଳୁନି ସହାୟତା

# ସେବାରୁ ବଞ୍ଚିତ ୩୦% ଯକ୍ଷ୍ମାରୋଗୀ

**ଭୁବନେଶ୍ୱର :** ୨୦୨୫ ସୁଦ୍ଧା ଯକ୍ଷ୍ମାକୁ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ରାଷ୍ଟ୍ରୀୟ ଯକ୍ଷ୍ମା ନିରାକରଣ ଯୋଜନା(ଏନଟିଇପି) ଅଧୀନରେ ଦେଶରୁ ଯକ୍ଷ୍ମା ସମ୍ପୂର୍ଣ୍ଣ ଦୂର କରାଯିବାକୁ ଯୋଜନା ହୋଇଛି। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିପାଇଁ ପ୍ରଣୟନ ନିକ୍ଷୟ ପୋଷଣ ଯୋଜନାରେ ରାଜ୍ୟର ଯକ୍ଷ୍ମା ପୀଡ଼ିତ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସେମାନଙ୍କ ଚିହ୍ନଟ କରାଯିବା, ସହାୟତା ରାଶି ପ୍ରଦାନରେ ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ। ନିକ୍ଷୟ ପୋଷଣ ଯୋଜନାରେ କେନ୍ଦ୍ର ସରକାର ଯେଉଁ ନାମମାତ୍ର ସହାୟତା ଦେଉଛନ୍ତି ତାହା ମଧ୍ୟ ସବୁ ରୋଗୀଙ୍କ ନିକଟରେ ପହଞ୍ଚୁ ନାହିଁ। ରାଜ୍ୟର ୩୦% ରୋଗୀ ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି। ଯକ୍ଷ୍ମା ରୋଗୀଙ୍କୁ ଚିକିତ୍ସା ସହାୟତା ଓ ପୁଷ୍ଟିକର ଆହାର ଯୋଗାଇବା ପାଇଁ ୨୦୧୭ରୁ ସରକାର 'ନିକ୍ଷୟ ପୋଷଣ ଯୋଜନା' ଆରମ୍ଭ କରିଛନ୍ତି। ଚିକିତ୍ସା ସମୟରେ ରୋଗୀ ପୁଷ୍ଟିକର ଆହାର ଯୋଗାଇବା ନିମନ୍ତେ ୫ ଶହ ଟଙ୍କା ପ୍ରଦାନ କରାଯାଉଛି। ବର୍ତ୍ତମାନ ସମୟରେ ଏହି ୫ଶହ ଟଙ୍କା ସମୁଦ୍ରକୁ ଶଙ୍ଖେପରି ହୋଇଥିଲେ ହେଁ ସବୁ ରୋଗୀଙ୍କୁ ପ୍ରଦାନ ନ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ବିଗତ ବର୍ଷର ଇଣ୍ଡିଆ ଟିବି ରିପୋର୍ଟ ଅନୁଯାୟୀ ଭାରତରେ ୨୦୨୧ ବର୍ଷରେ ୨୧,୩୬,୪୧୮ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ମାତ୍ର ୧୩,୨୬,୩୦୬ଜଣଙ୍କୁ ସହାୟତା ମିଳିଛି। ଓଡ଼ିଶାରେ ଗତ ବର୍ଷ ୫୨ ହଜାରରୁ ଅଧିକ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବାବେଳେ ପ୍ରାୟ ୩୦ ପ୍ରତିଶତ ରୋଗୀଙ୍କୁ ନିକ୍ଷୟ ପୋଷଣ ସହାୟତା ରାଶି ମିଳିନି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ବର୍ଗର ରହିଛନ୍ତି। ୨୦୧୭ରୁ ନିକ୍ଷୟ ପୋଷଣ ବାବଦକୁ ୫ଶହ ଲେଖାଏଁ ସହାୟତା




ମିଳୁଥିବାବେଳେ ଏହାକୁ ବୃଦ୍ଧି ପାଇଁ ଦାବି ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ଆଜିଯାଏଁ ଏହାକୁ ବୃଦ୍ଧି କରାଯାଉନି। ଚଳିତ ବର୍ଷ ଜାନୁଆରୀ ପହିଲାରୁ ଫେବୃଆରୀ ୫ ମଧ୍ୟରେ ରାଜ୍ୟରେ ୩ହଜାର ୯୬୫ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଆଦିବାସୀ ଜିଲ୍ଲାଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ଅଧିକ ବୋଲି ରିପୋର୍ଟ ଦର୍ଶାଇଛି। ସେହିପରି ଯକ୍ଷ୍ମା ନିରାକରଣ କ୍ଷେତ୍ରରେ କାମ କରୁଥିବା ବାଲେଶ୍ୱରର ବିଦ୍ୟାଧର ନାୟକ କହନ୍ତି ବିଗତ ବର୍ଷ ତାଙ୍କ ଅଞ୍ଚଳରେ ପ୍ରାୟ ୭ଜଣ ଯକ୍ଷ୍ମା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ବର୍ଗର। ସେମାନେ ସଚେତନ ହେଉ ନଥିବା, ଠିକ୍ ଭାବେ ଔଷଧ ସେବନ କରୁ ନ ଥିବା ଏପରିକି ଅଧିକାଂଶ ରୋଗୀ ନିଶା ସେବନ ଯୋଗୁ ମୃତ୍ୟୁ ମୁଖରେ ପଡ଼ୁଥିବା ସେ କହିଛନ୍ତି। ନିକ୍ଷୟ ପୋଷଣ ସହାୟତା ସବୁ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିବା ଆଧାର କାର୍ଡ଼ ଓ ବ୍ୟାଙ୍କ ସମାସ୍ୟା ପାଇଁ ମଧ୍ୟ ଅନେକ ରୋଗୀ ସହାୟତା ପାଇବାରୁ ବଞ୍ଚିତ ହେଉଥିବା ମଧ୍ୟ ସେ କହିଛନ୍ତି। ମାଲକାନାଗିରି ଜିଲ୍ଲାର ଟିବି ଚାମ୍ପିୟନ ପଙ୍କଜ ବୈରାଗୀଙ୍କ କହିବା ଅନୁଯାୟୀ ଯକ୍ଷ୍ମାର ଚିକିତ୍ସା ପାଇଁ ଅତିକମ୍‌ରେ ୬ ମାସ ଔଷଧ ଖାଇବାକୁ ପଡ଼େ। ୬ ମାସ ପାଇଁ ସରକାର ୫ଶହ ଟଙ୍କା ଲେଖାଏଁ ୩ ହଜାର ଓ ଦୁର୍ଗମ ଅଞ୍ଚଳରେ ଆଦିବାସୀମାନଙ୍କ ଯାତାୟତ ପାଇଁ ୭୫୦ଟଙ୍କାର ସହାୟତା ପ୍ରଦାନ କରନ୍ତି। ଚିକିତ୍ସା ସମୟରେ ଅଧିକାଂଶ ରୋଗୀ କାମଧନ୍ଦା କରି ପାରନ୍ତି ନାହିଁ। ଏହି ସମୟରେ ନିଜ ପରିବାର ପ୍ରତିପୋଷଣ କରିବା ଅତ୍ୟନ୍ତ କଷ୍ଟକର ହୁଏ। ତେଣୁ ଏହାକୁ ବୃଦ୍ଧି କରାଗଲେ ଦୁର୍ବଳ ଶ୍ରେଣୀର ଲୋକେ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ଅପରପକ୍ଷେ ଆଦିବାସୀ ବର୍ଗର ରୋଗୀମାନେ ଚିକିତ୍ସା ପାଇଁ ଡାକ୍ତରଙ୍କୁ ପାଖକୁ ଯାଉ ନ ଥିବା ରୋଗକୁ ଲୁଚାଉଥିବା ଭଳି ତଥ୍ୟ ଆଇସିଏମଆର ଭୁବନେଶ୍ୱର ଗବେଷଣାରୁ ଦର୍ଶାଇଛି। ୨୦୨୦ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଆଇସିଏମଆର ବଲାଙ୍ଗିର, କନ୍ଧମାଳ, ଢେଙ୍କାନାଳ ଓ ମୟୂରଭଞ୍ଜ ଆଦି ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳର ଲୋକଙ୍କ ମଧ୍ୟରେ ସର୍ବେକ୍ଷଣ କରିଥିଲା। ଘରକୁ ଘର ବୁଲି ୫୧୪୪ଜଣଙ୍କ ସର୍ଭେ ହୋଇଥିବାବେଳେ ୧୨୬ଜଣଙ୍କ ନିକଟରେ ଲକ୍ଷଣ ରହିଥିଲା। ୩୫ଜଣଙ୍କ ସ୍ପୁଟମ୍ ଯକ୍ଷ୍ମାରେ ପଜିଟିଭ୍ ଥିଲା। ସମ୍ପୃକ୍ତ ଅଞ୍ଚଳର ଲୋକେ ଯକ୍ଷ୍ମା ସମ୍ପର୍କରେ ସଚେତନ ନଥିବା ଏପିରିକି ଚିକିତ୍ସା ପାଇଁ ଅମଙ୍ଗ ହେଉଥିବା ମଧ୍ୟ ଗବେଷଣା ରିପୋର୍ଟ ଦର୍ଶାଇଥିଲା।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ଫେବୃଆରୀ, ୨୦୨୩

# କେବେ ଜଣାପଡିବ ଅସଲ କାରଣ !

ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଏଯାଏ କିଛି ସତ ପଦାକୁ ଆସିନି, ସସପେନ୍ସ ଜାରି ରହିଛି । ବିରୋଧୀ ଦଳ କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ସନ୍ଦେହ ପ୍ରକଟ କରି ସିବିଆଇ ଯାଞ୍ଚ ଦାବି କରୁଛନ୍ତି । ହେଲେ ହତ୍ୟାକାରୀ ଏଏସଆଇ ଗୋପାଳ ଦାସ ସାମାନ୍ୟ ଅନୁଶୋଚନା କରୁନାହିଁ । ତେବେ ଏହାର କାରଣ କଣ ହୋଇପାରେ ! କିଛି ଲୋକ ନବ ଦାସଙ୍କ ହତ୍ୟା ପଛରେ ବିରାଟ ଷଡଯନ୍ତ୍ର କଥା ମଧ୍ୟ ଉଠାଉଛନ୍ତି ।କେହି କେହି କହୁଛନ୍ତି, ଏଥିରେ ଉପକୂଳ ନେତାଙ୍କ ହାତ ରହିଛି । ହେଲେ ଅସଲ ଗୁମର ପଦାକୁ ଆସୁନି । ରାଜ୍ୟର ଜଣେ ଟାଣୁଆ ମନ୍ତ୍ରୀଙ୍କ ହତ୍ୟାକାଣ୍ଡକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛି । ନବ ଦାସ ମନ୍ତ୍ରୀ ହେଲା ପରେ ଧନୀ ହୋଇଛନ୍ତି କି ପୂର୍ବରୁ ଧନୀ ତାହାକୁ ନେଇ ଅନେକ ଚର୍ଚ୍ଚା ମଧ୍ୟ ହେଉଛି । ନବଙ୍କ ଏକାଦଶାହ ସରିଗଲାଣି । ଆଗକୁ ବ୍ରଜରାଜନଗର ଉପନିର୍ବାଚନ ହୋଇପାରେ । ହେଲେ ମନ୍ତ୍ରୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସରୁନାହିଁ । ଏହି ସନ୍ଦେହର କାରଣ କଣ ? କଣ ଏଭଳି ହେଲା ଯେ, ନବଙ୍କୁ ଗୋପାଳ ନିକଟରୁ ଫାୟାର କଲା ? ନବଙ୍କ ହତ୍ୟା ପଛରେ ରାଜନୈତିକ ବିବାଦ ରହିଛି ଅବା ବ୍ୟବସାୟିକ କାରଣ ଜଡିତ ତାହା ସମ୍ପୂର୍ଣ୍ଣ ସନ୍ଦେହ ଘେରରେ ରହିଛି । ଏତିକିବେଳେ ଏକ ବିସ୍ଫୋରକ ବୟାନ ଦେଇଛନ୍ତି ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରଦୀପ ପୁରୋହିତ । ସେ ଅଭିଯୋଗ କରିଛନ୍ତି ଯେ ନବ ଦାସ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ହେବାରୁ ତାଙ୍କୁ ହତ୍ୟା କରାଯାଇଛି । ଯେଉଁମାନେ ମୁଖ୍ୟମନ୍ତ୍ରୀ ହେବାକୁ ଆଗରୁ ଆଶା ବାନ୍ଧି ବସିଛନ୍ତି ସେହିମାନେ ଏହି ହତ୍ୟାକାଣ୍ଡ ପଛରେ ରହିଛନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କୁ ଶ୍ରୀ ପୁରୋହିତ କହିଛନ୍ତି ଯେ ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ନବ ଦାସ ଶନି ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ଏହି ଖବର ପ୍ରଘଟ ହେବାପରେ ନବୀନଙ୍କ ପରେ ମୁଖ୍ୟମନ୍ତ୍ରୀ ହେବାପାଇଁ ଆଗରୁ ଯୋଜନା କରିଥିବା କିଛିଲୋକ ଚିନ୍ତିତ ହୋଇପଡିଥିଲେ । ତେଣୁ ନବଙ୍କୁ ରାସ୍ତାରୁ ହଟାଇବା ଲାଗି ସେମାନେ ଷଡଯନ୍ତ୍ର କରିଥିଲେ । ତେବେ ଏହି ଷଡଯନ୍ତ୍ର କିଏ କରିଥିଲେ ସେମାନଙ୍କ ନାମ ପ୍ରକାଶ ନକରି ସିବିଆଇ ଦ୍ୱାରା ତଦନ୍ତ ହେଲେ ଏହି ଷଡଯନ୍ତ୍ରର ପର୍ଦ୍ଦାଫାସ ହୋଇପାରିବ ବୋଲି ପ୍ରଦୀପ କହିଛନ୍ତି । ଅନ୍ୟପକ୍ଷେ ଗୋପାଳଙ୍କ ନାର୍କୋ ଟେଷ୍ଟ କରାଯିବ । ସେଥିପାଇଁ ତାଙ୍କୁ ଗୁଜୁରାଟ ନିଆଯାଇଛି । ଏହାରି ମଧ୍ୟରେ ଗତ ଗୁରୁବାର ଦିବଂଗତ ବିଜେଡି ନେତା ନବ ଦାସଙ୍କ ଦ୍ୱାଦଶାହରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଝାରସୁଗୁଡା ସରବାହାଲ ପଡ଼ିଆରେ ଆୟୋଜିତ ଶୋକସଭା ତଥା ଗଙ୍ଗାଭୋଜିରେ ମୁଖ୍ୟମନ୍ତ୍ରୀ ଯୋଗଦେବା ସହ ନବଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡିବା ଦେଖିବାକୁ ମିଳିଥିଲା । ଅତୀତର ସମ୍ପର୍କ କଥା ମନେପକାଇ ନବୀନଙ୍କ ଆଖି ଛଳ ଛଳ ହୋଇଉଠିଥିଲା । ମଞ୍ଚରେ ଉପସ୍ଥିତ ନବଙ୍କ ବାପା ନରସିଂହ ଦାସ, ମାଆ ବିଷ୍ଣୁପ୍ରିୟା ଦାସ, ପତ୍ନୀ ମିନତୀ, ପୁତ୍ର ବିଶାଳ, ଝିଅ ଦୀପାଳି ପ୍ରମୁଖଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କ ମଞ୍ଚରେ ଉପସ୍ଥିତି ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ଉପସ୍ଥିତ ନେତା ଓ ଜନତାଙ୍କ ଆଖି ଛଳ ଛଳ ହୋଇ ଉଠିଥିଲା ।

**ସମ୍ପାଦକୀୟ**
**ତାରକ ମହାନ୍ତି**



ତେବେ ନବଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିକୁ ସହଜରେ ଗ୍ରହଣ କରିନାହାଁନ୍ତି ବିଜେପି ନେତା ଜୟନାରାୟଣ ମିଶ୍ର । ସେ କହିଛନ୍ତି ଯେ, ଏହା ଶ୍ରଦ୍ଧାଞ୍ଜଳି ସଭା ନା ଡ୍ରାମା ସେ ଜାଣିପାରୁନାହାନ୍ତି । କୌଣସି ବ୍ୟକ୍ତିଙ୍କ ଦ୍ୱାଦଶାହ (୧୨ଦିନ)କୁ ରାଜନୀତିକ ଉଦ୍ଦେଶ୍ୟରେ ଆୟୋଜନ କରାଯିବା ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି । ତାଙ୍କୁ ଏହି ରାଜନୀତିକ କାର୍ଯ୍ୟକ୍ରମକୁ କାହିଁକି ନିମନ୍ତ୍ରଣ କରାଯିବ ଓ ଏହା ସମ୍ପୂର୍ଣ୍ଣ ଭାବେ ବିଜେଡି କାର୍ଯ୍ୟକ୍ରମ ବୋଲି ଶ୍ରୀ ମିଶ୍ର କହିଛନ୍ତି । ବିଜେଡି ଜଣେ ରାଜନେତାଙ୍କ ମୃତ୍ୟୁକୁ ନେଇ ରାଜନୀତି କରୁଛି । ଏଭଳି ମାନସିକତା ରଖି ସେମାନେ କେମିତି ଓଡ଼ିଶାବାସୀଙ୍କ ଭଲ ଚିନ୍ତା କରିପାରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନବଙ୍କ ହତ୍ୟା ଘଟଣାର ତଦନ୍ତ ଚାଲିଛି । ନିଷ୍କର୍ଷ ନଆସିବା ପର୍ଯ୍ୟନ୍ତ କେହି ବି ଘଟଣା ପଛରେ ଥିବା କାହାଣୀ ବା ବାସ୍ତବତା ଉପରୁ ପରଦା ହଟାଇ ପାରିବେନି ।କାରଣ ମନଗଢା କାହାଣୀ ଅନେକ କହିହେବ । ହେଲେ ଅସଲ ତଥ୍ୟ ସେଦିନ ଜଣାପଡିବ,ଯେଉଁଦିନ ତଦନ୍ତକାରୀ ଟିମ ଆଗରେ ହତ୍ୟାକାରୀ କୁହାଯାଉଥିବା ଗୋପାଳ ଦାସ ସତ କହିବ । କାରଣ ଗୋପାଳ ଏଯାବତ ତଦନ୍ତରେ ସହଯୋଗ କରିଆସୁଥିଲେ ମଧ୍ୟ ଜଣେ ଅପରାଧୀ ଯେଭଳି ଅନୁଶୋଚନା କରେ ତାହା ଗୋପାଳ ନିକଟରେ ଦେଖିବାକୁ ମିଳିନାହିଁ । ବରଂ ନବ ଦାସଙ୍କୁ ହତ୍ୟା କରି ସେ ଭୁଲ କରିଛି ବୋଲି ମଧ୍ୟ ଅନୁତାପ କରୁନି । ଯେଉଁଥିପାଇଁ ଗୋପାଳର ନାର୍କୋ ଓ ପଲିଗ୍ରାଫ ଟେଷ୍ଟ କରାଯାଇଛି । ତେବେ ଏହି ନାର୍କୋ ଟେଷ୍ଟ କଣ ତାହା ସାଧାରଣ ଲୋକ ବୁଝିପାରିବେ ନାହିଁ । ଏହା ଅପରାଧୀ ନିକଟରୁ ତଥ୍ୟ ଆଦାୟ ପାଇଁ ଏକ ପରୀକ୍ଷା । ଏହି ପରୀକ୍ଷା ପାଇଁ କୋର୍ଟଙ୍କ ଅନୁମତି ନେବାକୁ ପଡିଥାଏ । ଯେତେବେଳେ ଜଣେ ଅଭିଯୁକ୍ତ ଘଟଣା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିବାରେ ତଦନ୍ତକାରୀ ଟିମ ବିଫଳ ହେଲେ ଏଭଳି ନିଷ୍ପତ୍ତି ନେବାକୁ ପଡିଥାଏ । ଯେଉଁଥିପାଇଁ କୋର୍ଟଙ୍କ ଅନୁମତି ଦରକାର ହୁଏ । ଏଥିରେ ଅଭିଯୁକ୍ତକୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଶ୍ଚେତକଦିଆଯାଇ ଏକପ୍ରକାର ଅଚେତ କରାଯାଏ । ଏହାପରେ ତଦନ୍ତକାରୀ ଟିମ୍ ଅଭିଯୁକ୍ତ ଠାରୁ ଘଟଣା ସମ୍ପର୍କିତ ତଥ୍ୟ ଆଦାୟ ପାଇଁ ବିଭିନ୍ନ ପ୍ରଶ୍ନ ପଚାରନ୍ତି । ଯେହେତୁ ଜଣେ ବ୍ୟକ୍ତି ଅଚେତ ଅବସ୍ଥାରେ ଥାଇ ପ୍ରଶ୍ନର ଉତ୍ତର ଦିଏ, ସେତେବେଳେ ସେ ଆଉ ବୁଦ୍ଧି ଖଟାଇନଥାଏ । ଯାହାଫଳରେ ଯାହା ଘଟିଥିଲା ଓ କିପରି ଘଟିଲା ତାହା ଅବିକଳ ବର୍ଣ୍ଣନା କରିଥାଏ । ଯାହାକି ତଦନ୍ତକୁ ଆଗକୁ ନେବା ପାଇଁ ଓ ନିଷ୍କର୍ଷରେ ପହଞ୍ଚାଇବା ପାଇଁ ସହାୟକ ହୁଏ । ଗତ ଶନିବାର ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ପୋଲିସ ଏସ୍‌ଆଇ ଗୋପାଳ ଦାସର ନାର୍କୋ ଓ ପଲିଗ୍ରାଫ ପରୀକ୍ଷା ଗୁଜୁରାଟର ଗାନ୍ଧୀନଗରରେ ଥିବା ଫରେନ୍‌ସିକ୍ ସାଇନ୍ସ ଲାବରେଟୋରୀରେ ଶେଷ ହୋଇଯାଇଛି । ଏହି ନାର୍କୋ ଟେଷ୍ଟ ରିପୋର୍ଟ ଝାରସୁଗୁଡା କୋର୍ଟରେ ଦାଖଲ କରାଯିବ । ତେଣୁ ଗୋପାଳ ନାର୍କୋ ଟେଷ୍ଟ ବେଳେ କେତେ ସତ କହିଲା, ନବ ଦାସଙ୍କୁ ହତ୍ୟା କରି କି କି କାରଣ ସମ୍ପର୍କରେ ବଖାଣିଲା, ତାହା ସରକାରୀ ଭାବେ ଜଣାପଡିନଥିଲେ ମଧ୍ୟ ଆଗକୁ ଜଣାପଡିବ । ସୂଚନା ଅନୁଯାୟୀ ଗୋପାଳକୁ ତୃତୀୟ ପର୍ଯ୍ୟାୟ ରିମାଣ୍ଡରେ ଆଣିବା ପରେ ଉଭୟ ପଲିଗ୍ରାଫ୍ ଓ ନାର୍କୋ ଟେଷ୍ଟ ପାଇଁ ଯୋଜନା କରିଥିବା କ୍ରାଇମ୍‌ବ୍ରାଞ୍ଚ ତାକୁ ଗାନ୍ଧୀନଗର ନେଇଥିଲା । ଏପଟେ କ୍ରାଇମ୍‌ବ୍ରାଞ୍ଚ ସମୁଦାୟ ମାମଲାର ଚିତ୍ର ସମ୍ପର୍କରେ ନାର୍କୋ ଟେଷ୍ଟ କରିଥିବା ଟିମ୍‌କୁ ଅବଗତ କରାଇଛନ୍ତି । ଯଦିଓ ଗୋପାଳ ହତ୍ୟାକାରୀ ବୋଲି ସ୍ପଷ୍ଟ ହୋଇସାରିଛି, ଏଯାଏ କିନ୍ତୁ ହତ୍ୟାର କାରଣ ସମ୍ପର୍କରେ ଠୋସ୍ ପ୍ରମାଣ ମିଳିପାରୁନାହିଁ । ରାଜନୈତିକ, ବ୍ୟକ୍ତିଗତ ବା ବ୍ୟବସାୟିକ କାରଣ ମଧ୍ୟରୁ କେଉଁଥିପାଇଁ ଗୋପାଳ ମନ୍ତ୍ରୀଙ୍କୁ ହତ୍ୟା କଲା, ସେ ସଂକ୍ରାନ୍ତରେ ନାର୍କୋ ପରୀକ୍ଷା କରୁଥିବା ଟିମ୍ ମାଳମାଳ ପ୍ରଶ୍ନ ପଚାରିଥିବା ଜଣାପଡିଛି ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାରତୋଦୟକୁ ବିରୋଧ



**ସୌମେନ୍ଦ୍ର ଜେନା**

ଗତ କିଛିଦିନ ହେବ ବିଦେଶରୁ ଅଧିକରୁ ଅଧିକ ପ୍ରଚାର ଭାରତକୁ କେନ୍ଦ୍ର କରି ହେବାରେ ଲାଗିଛି । ପ୍ରଥମେ ବ୍ରିଟେନରୁ ପ୍ରଚାର ଆରମ୍ଭ ହୋଇ ଏବେ ତାହା ଆମେରିକାରେ ପହଞ୍ଚିଛି । ବ୍ରିଟେନ-ଆମେରିକାର ଲୋକେ ଅତୀତରେ ଭାରତକୁ ସାପୁଆ କେଳାମାନଙ୍କ ଦେଶ କହୁଥିଲେ । ଭାରତର ସଂଖ୍ୟାଧିକ ଜନସଂଖ୍ୟା ସେମାନଙ୍କ ଖାଦ୍ୟ ଖାଇଯିବେ ବୋଲି ଆଶଙ୍କା ପ୍ରକାଶ କରୁଥିଲେ । ଭାରତୀୟ ଲୋକେ ସେମାନଙ୍କ ପାଇଁ ଅତୀତରେ ଯେମିତି ଘୃଣାର ପାତ୍ର ଥିଲେ ଆଜି ମଧ୍ୟ ସେହି ମାନସିକତାରେ ବହୁତ କିଛି ପରିବର୍ତ୍ତନ ଆସିଛି ବୋଲି କହିହେବ ନାହିଁ । ଗୋରାମାନଙ୍କର ଚମଡାକୁ ନେଇ ମନରେ ଯେମିତି ଗର୍ବ ରହିଆସିଛି ସେମିତି ବୌଦ୍ଧିକତାକୁ କେନ୍ଦ୍ର କରି ମିଛ ଅହଂକାର ଘେରି ରହିଛି । ନିଜକୁ ସୁରକ୍ଷିତ ରଖିବାକୁ ଏହିସବୁ ଲୋକେ ଅନ୍ୟମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଲାଗିପଡିଛନ୍ତି । ସେମିତି ବିବିସିର ବିଷ୍ଣାରେ ଆପଣାର ପ୍ରତିଷ୍ଠା ଖୋଜୁଥିବା ଲୋକେ ମଧ୍ୟ ଭାରତରେ କିଛି କମ୍ ନାହାନ୍ତି । ଏବେ ବିଦେଶରୁ ଭାରତବିରୋଧୀ ପ୍ରଚାର ଚଳାଇବା ପାଇଁ ଚୀନର ଜିନପିଙ୍ଗ ବାହିନୀ ପ୍ରବଳ ଶକ୍ତି ଓ ଅର୍ଥ ଖଟାଇବାରେ ବ୍ୟସ୍ତ । କୋରୋନା ପର ପୃଥିବୀରେ ଚୀନର ସଂପର୍କ ସଂକୁଚିତ ହେଉଥିବାରୁ ସେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଏବେ ଭାରତକୁ ନେଇଛି । ସୀମାରେ ସେନାକୁ ଠୁଳକରି ବସାଇବା ପରେ କୌଣସି ଲାଭ ଦେଖିନପାରି ଚୀନ ଏବେ ବିଦେଶରେ ଭିନ୍ନଭିନ୍ନ ନେତା, ଅନୁଷ୍ଠାନଗୁଡିକର ମାଧ୍ୟମରେ ଭାରତ ବିରୋଧୀ ପ୍ରଚାର କରୁଛି ।

ଗତ କିଛିଦିନ ତଳେ ମାଳଦ୍ୱୀପରେ 'ଇଣ୍ଡିଆ ଗେଟ ଆଉଟ୍' ଅଭିଯାନ ଚଳୁ ରଖିବାକୁ ସେଠାକାର ପୂର୍ବତନ ରାଷ୍ଟ୍ରପତି ୟାମିନ ବାହିନୀକୁ ଚୀନପକ୍ଷରୁ ସମସ୍ତ ପ୍ରକାର ଅର୍ଥ ପ୍ରଦାନ କରାଯାଇଥିଲା । ଫଳରେ ଭାରତର ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣଠାରୁ ଆରମ୍ଭ କରି ସଡକରେ ପ୍ରଚାର ଆରମ୍ଭ ହେବା ଦେଖା ଯାଇଥିଲା । ଶ୍ରୀଲଙ୍କାରେ ଭାରତର ପ୍ରଭୁତ୍ୱ ହ୍ରାସ କରିବାକୁ ଚୀନ ସରକାର ସେଠାକାର ସରକାରଙ୍କ ଉପରେ ଚାପ ପ୍ରୟୋଗ କଲେ । କଲମ୍ବୋସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟର ବାରମ୍ବାର ଭାରତ ବିରୋଧୀ ବକ୍ତବ୍ୟମାନ ଗଣମାଧ୍ୟମକୁ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଲା । ନେପାଳରେ କମ୍ୟୁନିଷ୍ଟ ସରକାର ଶାସନକୁ ଫେରିବା ପରେ ସେ ପ୍ରକାର ଉଦ୍ୟମ ଏବେ ଆରମ୍ଭ ହେବା ଦେଖାଯାଉଛି । ବଙ୍ଗଳାଦେଶରେ ମଧ୍ୟ ଚୀନ ସରକାର ଭାରତଠାରୁ ସହଯୋଗ ଗ୍ରହଣ ନକରି ଚୀନର ଋଣ ନେବାକୁ ଶେଖ ହାସିନାଙ୍କ ସରକାର ଉପରେ ଚାପ ପ୍ରୟୋଗ କରାଯିବା ସହ ପରୋକ୍ଷରେ ଧମକ ଦେଇଥିଲେ । ନିକଟରେ ପାକ୍ ବିରୋଧୀ ହୋଇଉଠିଥିବା କାବୁଲର ସନ୍ତ୍ରାସୀ ସରକାର ସହ ଖଣି ଉତ୍‌ଖନନ ବୁଝାମଣା କରି ସେଠାକାର ସରକାରଙ୍କୁ ଭାରତ ବିରୋଧରେ ପ୍ରୟୋଗ କରିବାକୁ ଚୀନ ପକ୍ଷରୁ ଉଦ୍ୟମ ଜାରି ରହିଛି । କେବଳ ସେତିକି ନୁହେଁ, ଇରାନରେ ଯେଉଁ ଚାବାହର ବନ୍ଦରକୁ ବିକଶିତ କରିବାରେ ଭାରତ ଅର୍ଥ ବିନିଯୋଗ କରିଛି ସେହି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ଲାଗି ଇରାନ ସରକାରଙ୍କୁ ଚୀନ ଲୋଭ ଦେଖାଉଛି ।

ଶ୍ରୀଲଙ୍କାର ବନ୍ଦରଠାରୁ ଇସ୍ରାଏଲର ବନ୍ଦରକୁ ହାତକୁ ନେବାରେ ସଂପ୍ରତି ଆଦାନୀ ସମୂହ ଚୀନା କମ୍ପାନୀର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଏବଂ ୨୦୩୦ ସୁଦ୍ଧା ପୃଥିବୀର ୧୦୦ ବନ୍ଦର ହାତକୁ ନେବାପାଇଁ ଆଦାନୀ ଗୋଷ୍ଠୀ ପୂର୍ବରୁ ଘୋଷଣା କରିସାରିଥିବାରୁ ଏହା ଚୀନା ବନ୍ଦର କମ୍ପାନୀଗୁଡିକ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହୋଇଛି । ଯଦି ଆଦାନୀ ବିଦେଶରେ ୧୦୦ ବନ୍ଦର ହାତକୁ ନେବାକୁ ସମର୍ଥ ହୁଅନ୍ତି ତେବେ ସେ ସବୁ ଅଧିକତଃ ଚୀନାଙ୍କ ହାତରୁ ଖସିବାର ଆଶଙ୍କା କରାଯାଉଛି । ତେଣୁ ବ୍ରିଟେନର ପାର୍ଲିଆମେଣ୍ଟ ଭିତରେ ପାକିସ୍ତାନୀ ମୂଳର ମୁସଲିମ ସାଂସଦଙ୍କ ମୁହଁରେ ଭାରତ ବିରୋଧୀ ବକ୍ତବ୍ୟ ହେଉ ଅଥବା ବ୍ରିଟେନ ସରକାରଙ୍କ ଅର୍ଥରେ ଚାଲୁଥିବା ବିବିସିପରି ଗଣମାଧ୍ୟମ ସଂସ୍ଥା ପକ୍ଷରୁ ୨୦୦୨ର ଗୁଜରାଟ ଦଙ୍ଗା ବିଷୟକୁ ପ୍ରଚାର କରାଯାଇ ମୋଦୀ ଏବଂ ଭାରତର ସମ୍ମାନକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରାଯାଇଛି । ଏସବୁ ସତ୍ତ୍ୱେ ମର୍ଣ୍ଣି କନ୍‌ସଲଟ ପକ୍ଷରୁ ପ୍ରକାଶିତ ବିଶ୍ୱ ନେତୃବୃନ୍ଦଙ୍କ ଲୋକପ୍ରିୟତାରେ ଏବେ ମଧ୍ୟ ନରେନ୍ଦ୍ର ମୋଦି ୭୮% ଜନସମର୍ଥନରେ ପ୍ରଥମ ସ୍ଥାନରେ ରହିଛନ୍ତି । ତାଙ୍କ ପଛକୁ ମେକ୍‌ସିକୋ ୬୮, ସ୍ୱିଜରଲାଣ୍ଡ ୬୨, ଅଷ୍ଟ୍ରେଲିଆ ୫୮, ଇଟାଲୀ ୫୨,ବ୍ରାଜିଲର ନେତା ୫୦ ପ୍ରତିଶତ ଜନ ସମର୍ଥନ ପାଇଛନ୍ତି । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୪୦ ପ୍ରତିଶତ ସମର୍ଥନ ପାଇ ଅନେକ ପଛରେ ରହିଛନ୍ତି । ବିବିସି ସଂସ୍ଥାରେ ଚୀନର ବହୁ ଅର୍ଥନିବେଶ ହୋଇଥିଲା ବେଳେ ଅନେକ ଟୋପିବାଜ ରହିଛନ୍ତି । ପାକ୍ ସମର୍ଥକ ଏହି ଟୋପିବାଜ ଗୋଷ୍ଠୀ ହିଁ ୨୦୨୪ ପୂର୍ବରୁ ପୁଣିଥରେ ଲାଗି ପଡିଛନ୍ତି ଭାରତର ରାଜନୀତିକୁ ପ୍ରଭାବିତ କରିବାକୁ । କିଛି ଟୋପିବାଜ ଖାଲିସ୍ତାନୀ ପଗଡିବାଜ୍‌ଙ୍କ ସହ ସାମିଲ ହୋଇ କାନାଡା, ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଆଦି ଦେଶରେ ହିନ୍ଦୁମନ୍ଦିର ଉପରେ ଆକ୍ରମଣ କରିବା,ଖାଲିସ୍ତାନୀଙ୍କ ସପକ୍ଷରେ ବିକ୍ଷୋଭରେ ସାମିଲ ହେବା, ହିନ୍ଦୁ ବିରୋଧୀ ଏବଂ ଖାଲିସ୍ତାନୀ ସମର୍ଥନରେ ମନ୍ଦିର କାନ୍ଥରେ ଲେଖିବା ପରି କୁକର୍ମରେ ସାମିଲ ଥିବା ଦୃଷ୍ଟିଗୋଚର ହୋଇଛି । ପାକ୍‌ର ନିଶା ଏବଂ ବ୍ରିଟେନ -କାନାଡାର ପଇସାରେ ଏହି କ୍ରିପ୍‌ଟୋ ପଗଡିବାଜ୍ ଗୋଷ୍ଠୀ ସଂଖ୍ୟାଧିକ ଧଳାପଙ୍ଗପାଳ ଗୋଷ୍ଠୀ ପଞ୍ଜାବରେ ସୃଷ୍ଟି ପାଇଁ ସହାୟକ ହେଉଛନ୍ତି । ଭାଷଣରେ ଦେଶବିରୋଧୀ ଉର୍ଜା ଏବଂ ମନରେ ଗୀର୍ଜାକୁ ଧରି ଏମାନେ ଚାଲିଛନ୍ତି ।

କଥା ହେଉଛି ବିଶ୍ୱ ମୁଦ୍ରା ପାଣ୍ଠିର (ଆଇଏମ୍‌ଏଫ) ରିପୋର୍ଟରେ ୨୦୨୩-୨୪ରେ ଭାରତ ୬.୧ପ୍ରତିଶତ ଅଭିବୃଦ୍ଧି ଦର ସହ ପୃଥିବୀରେ ପ୍ରଥମ ସ୍ଥାନରେ ରହିବ । ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ର ତାଲିକାରେ ଆମେରିକା, ରୁଷିଆ ପଛକୁ ଏବେ ଭାରତର ନାମ ଆସିଛି । ଜି ୨୦ ବୈଠକ ଭାରତରେ ଆରମ୍ଭ ହୋଇସାରିଲାଣି । ମାନ୍ଦାବସ୍ଥାରେ ମଧ୍ୟ ଭାରତର ବଜେଟରେ ପଡୋଶୀ ଓ ସହଯୋଗୀ ରାଷ୍ଟ୍ରମାନଙ୍କୁ ୨୦୨୩ରେ ବିପୁଳ ସହାୟତା ଘୋଷଣା ହୋଇଛି । ପ୍ରତିରକ୍ଷା ବଜେଟ୍ ଗତବର୍ଷ ତୁଳନାରେ ବୃଦ୍ଧିକରି ଭାରତ ସକ୍ଷମ ଓ ଆତ୍ମନିର୍ଭର ହେବା ଦିଗରେ ଗତି କରୁଛି । କୋରୋନା ସମୟରୁ ଲଗାତାର କ୍ଷେପଣାସ୍ତ୍ର ପରୀକ୍ଷା ଜାରିରଖି ଭାରତ ପ୍ରତିରକ୍ଷାରେ ଶକ୍ତିବୃଦ୍ଧି କରୁଛି । ଏହିସବୁ ବିକାଶର ଧାରା ଭାରତ ବାହାରେ ଏବଂ ଭାରତ ଭିତରେ ଥିବା ଭାରତ ବିରୋଧୀ ଗୋଷ୍ଠୀଙ୍କ ପାଇଁ ଆଦୌ ଦେହରେ ଯାଉନାହିଁ । ତେଣୁ ହିଣ୍ଡେନବର୍ଗର ହିଡେନ ଏଜେଣ୍ଡା ଆରମ୍ଭ ହୋଇଯାଇଛି । କୁହାଯାଇଛି ଯେ ପୂର୍ବରୁ ବ୍ୟାଙ୍କ ଅଫ୍ ଥାଇଲାଣ୍ଡ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଉପରେ ଏଭଳି ମିଛ ପ୍ରଚାର ଅଭିଯାନ ଅତୀତରେ ଭାରତ ବିରୋଧୀ ଜର୍ଜ ସୋରୋସ କରିଥିଲା । ୨୫ଜାନୁଆରୀ ୨୦୨୩ରେ ଆମ ଦୃଷ୍ଟିକୁ ଆସିଥିବା ହିଣ୍ଡେନବର୍ଗ ରିପୋର୍ଟ ପୂର୍ବରୁ ୨୦୧୬-୧୭ରେ ଅଷ୍ଟ୍ରେଲିଆରେ ଆଦାନୀଙ୍କ ବିରୋଧରେ ସମାନ ଢଙ୍ଗରେ ଅଭିଯାନ ଆରମ୍ଭ ହୋଇଥିଲା । ବବ୍ ବ୍ରାଉନ୍ ଫାଉଣ୍ଡେସନ (ବିବିଏଫ୍) ନାମକ ଏକ ଏନ୍‌ଜିଓ ଉକ୍ତ ପ୍ରଚାରର ନେତୃତ୍ୱ ନେଇଥିଲା ।

୨୦୧୦ରେ ଅଷ୍ଟ୍ରେଲିଆର କାର୍ମାଇକେଲ କୋଇଲା ଖଣିକୁ ଆଦାନୀ ଗ୍ରୁପ ହାତକୁ ନେଇଥିଲା । ୨୦୧୭ରେ ଆଦାନୀ ଗ୍ରୁପକୁ ପ୍ରକଳ୍ପରୁ ଅଲଗା କରିବା ପାଇଁ ୩୫୦ ଡଟ୍ ଓଆର୍‌ଜି ନାମକ ଏନ୍‌ଜିଓ ନେତୃତ୍ୱରେ କେତେକ ଏନ୍‌ଜିଓ ସାମିଲ ହେଲେ । ଏହି ସଂସ୍ଥା ସାନ୍‌ଫ୍ରାନସିସ୍‌କୋର ଟାଇଡ୍ ଫାଉଣ୍ଡେସନଠାରୁ ଅନୁଦାନ ଲାଭ କରିଥାଏ । ଭାରତ ବିରୋଧୀ ଜର୍ଜ ସୋରୋସ୍ ଏବଂ ଟମ୍ ଷ୍ଟେୟର ମଧ୍ୟ ଏହି ଗୋଷ୍ଠୀଙ୍କୁ ସହାୟତା ଦେଇଥାନ୍ତି । ଟାଇଡ୍ ଫାଉଣ୍ଡେସନକୁ ବିଲ ଗେଟ୍ସ, ଓମିଦ୍ୟାର, ରକ୍‌ଫେଲର, ଫୋର୍ଡ ଫାଉଣ୍ଡେସନ ଏବଂ ସୋରୋସ ଆଦି ଆର୍ଥିକ ସହାୟତା ଦେଇଥାନ୍ତି । ସେମିତି ସୋରୋସ, ଫୋର୍ଡ ଫାଉଣ୍ଡେସନ, ରକ୍ ଫେଲର, ଓମିଦ୍ୟାର, ବିଲ ଗେଟ୍ସ ଏବଂ ଅଜିମ ପ୍ରେମଜୀଙ୍କଠାରୁ ଆର୍ଥିକ ସହାୟତା ପାଉଥିବା ଭାରତୀୟ ଏନ୍‌ଜିଓ ହେଉଛି ନେସନାଲ ଫାଉଣ୍ଡେସନ ଅଫ୍ ଇଣ୍ଡିଆ । ୱିପ୍ରୋର ମାଲିକ ଅଜିମ୍ ପ୍ରେମଜୀଙ୍କ ନେତୃତ୍ୱରେ ଆଇପିଏସ୍‌ଏମ୍‌ଏଫ୍ ନାମକ ଏକ ଏନ୍‌ଜିଓ ରହିଛି ଯାହା ଅଲ୍‌ଟ ନିଉଜ, ଦି ୱାୟାର, ଦି କାରାଭାନ, ଦି ନିଉଜ୍ ମିନୁଟ ପରି ବାମପନ୍ଥୀ ଏବଂ ଭାରତ ବିରୋଧୀ ଗୋଷ୍ଠୀଙ୍କ ପ୍ରଚାର ପାଇଁ ଅର୍ଥ ପ୍ରଦାନ କରିଥାଏ । ସିପିଏମ୍‌ର ନେତା ସୀତାରାମ ୟେଚୁରୀଙ୍କ ପତ୍ନୀ ସୀମା ଚିସ୍ତି ଏନ୍‌ଏଫଆଇ ମିଡିଆ ମାର୍ଗଦର୍ଶିକା । ଦି ୱାୟାର ନିଉଜ୍ ୱେବସାଇଟର ଭାରତ ବିରୋଧୀ ସୋରୋସ, ଫୋର୍ଡ, ବିଲ ଗେଟ୍ସ, ଅଜିମ ପ୍ରେମ୍‌ଜୀ, ଓମିଦ୍ୟାର, ରକ୍‌ଫେଲର ଅନୁଦାନ ପ୍ରାପ୍ତ ଏନ୍‌ଏଫ୍‌ଆର ସହ ସଂପର୍କ ରହିଛି । ୨୦୧୭ରୁ ଅଷ୍ଟ୍ରେଲିଆରେ ଆଦାନୀଙ୍କ ପ୍ରକଳ୍ପ ବିରୁଦ୍ଧରେ ଦି ୱାୟାର ୫ଟି ଲେଖା ପ୍ରକାଶ କରିଆସିଛି । ଏନ୍‌ଏଫ୍‌ଆଇର ଅନ୍ୟତମ ମିଡିଆ ପରାମର୍ଶଦାତ୍ରୀ ଧନ୍ୟା ରାଜେନ୍ଦ୍ରନ୍ ଦି ନିଉଜ୍ ମିନୁଟର ସହ ସଂସ୍ଥାପିକା ଯିଏକି ସୋରୋସଙ୍କଠାରୁ ଏମ୍‌ଡିଆଇଏଫ୍ ମାଧ୍ୟମରେ ଅର୍ଥ ସଂଗ୍ରହ କରି ଡିଜିପବ ନାମରେ ଏକ ମିଡିଆ ପ୍ରଚାରକ ଗୋଷ୍ଠୀ ଗଠନ କରିଛନ୍ତି , ଯାହା ଭାରତରେ ଭାରତ ବିରୋଧୀ ପ୍ରଚାରରେ ଲିପ୍ତ ରହିଛି । ଏହି ସଂସ୍ଥାର ଉପସଭାପତି ପଦରେ ଅର୍ଥ ଜାଲିଆତିରେ ଲିପ୍ତ ନିଉଜ୍ କ୍ଲିକର କମ୍ୟୁନିଷ୍ଟ ନେତା ପ୍ରବୀର ପୁରକାୟସ୍ଥଙ୍କ ପରି ଲୋକେ ରହିଛନ୍ତି । ଡିଜିପବ୍ ନିଉଜ୍ ମିଡିଆ ଫାଉଣ୍ଡେସନ ଅର୍ଗାନାଇଜେସନରେ ଅଲ୍‌ଟ ନିଉଜ୍, ଆର୍ଟିକିଲ୍ ୧୪, ବୁମଲାଇଭ, କୋବ୍ରା ପୋଷ୍ଟ, ଏଚ୍‌ଡବ୍ଲୁ ନିଉଜ୍, ନିଉଜ୍ କ୍ଲିକ୍, ନିଉଜ୍ ଲଣ୍ଡ୍ରୀ, ସ୍କ୍ରଲ, ଦି ନିଉଜ୍ ମିନୁଟ , ଦି କ୍ୟୁଇଣ୍ଟ, ଦି ୱାୟାର ଆଦି ରହିଛନ୍ତି । ଏହିସବୁ ନିଉଜ୍ ୱେବସାଇଟ୍‌ଗୁଡିକ ଆଇପିଏସ୍‌ଏମ୍‌ଏଫରୁ ଅର୍ଥ ପାଉଛନ୍ତି ଏବଂ ଆଦାନୀଙ୍କ ବିରୁଦ୍ଧରେ ପ୍ରଚାର କରୁଛନ୍ତି । ଏଥିରେ ସାମିଲ ଲୋକେ ହେଲେ ଧନ୍ୟା ରାଜେନ୍ଦ୍ରନ, ଆକାଶ ବାନାର୍ଜୀ, ଅଜିତ ଅଞ୍ଜୁମ୍, ଅଭିସାର ଶର୍ମା, ଫାୟେ ଡି ସୌଜା ଏବଂ ଆଲୋକ ଯୋଶୀ ପ୍ରମୁଖ । ଆଲିଶାନ ଜାଫ୍ରି ନାମକ ଅନ୍ୟଜଣେ ଟୋପିବାଜ୍ ଦି ୱାୟାର, ଦି କ୍ୟୁଇଣ୍ଟ, ନିଉଜ୍ କ୍ଲିକ୍ , ଏଜେ ଇଂଲିସ ପରି ୱେବସାଇଟ୍ ପାଇଁ ଲେଖିଥାଏ ଯିଏକି ଏନ୍‌ଏଫ୍‌ଆଇ ଫେଲୋସିପ୍ ପାଇଁ ବିବିସିର ଭାରତ ବିରୋଧୀ ପ୍ରଚାରରେ ଦିନରାତି ଲାଗିପଡିଛି । ସୀତାରାମ ୟେଚୁରୀଙ୍କ ସ୍ତ୍ରୀ ସୀମା ପୂର୍ବରୁ ୧୦ବର୍ଷ କାଳ ବିବିସିର ସଂପାଦିକା ଥିଲେ । ଆଉ ଏବେ ଦି ୱାୟାରର ସଂପାଦିକା ଅଛନ୍ତି । ଡିଜିଟାଲ ସାମ୍ବାଦିକତା କ୍ଷେତ୍ରରେ ଭାରତ ବିରୋଧୀ ପ୍ରଚାରରେ ଲାଗିଥିବା ଦି ୱାୟାର, ଆର୍ଟିକ୍‌ଲ୍୧୪, ଦି କାରାଭାନ, ଅଲ୍ ଜଜିରାରେ କାର୍ଯ୍ୟରତ ଲୋକଙ୍କୁ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଏଫ୍‌ଆଇ ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥାଏ । ବିବିଏଫ୍ ଟ୍ୱିଟର ହ୍ୟାଣ୍ଡେଲକୁ ଆଧାର କରି ଟ୍ୱିଟରରେ ଆଦାନୀ ବିରୋଧୀ ପ୍ରଚାର କରୁଥିବା ରବି ନାୟାର ଆଦାନୀ ୱାଚ, ଦି ୱାୟାର, ନିଉଜ୍ କ୍ଲିକ, ଜନତା କା ରିପୋର୍ଟର ପରି ଜିଡିପବ୍ ସହ ରହିଛି ।

ଅଷ୍ଟ୍ରେଲିଆରେ ଆଦାନୀ ବିରୋଧୀ ପ୍ରଚାର ଚଳାଇଥିବା ବେଳେ ବ୍ରାଉନ୍ ଫାଉଣ୍ଡେସନ ୨୦୧୭ରେ ହୋବାର୍ଟ ସହରରେ ଷ୍ଟପ୍ ଆଦାନୀ ରାଲିର ଆୟୋଜନ କରି ୫୦୦୦ଷ୍ଟପ୍ ଆଦାନୀ ଲେଖାଥିବା ବିଶାଳକାୟ ଷ୍ଟିକର ସବୁ ଅଷ୍ଟ୍ରେଲିଆରେ ମାଗଣାରେ ବାଣ୍ଟିଥିଲା । ଏହି ସଂସ୍ଥାର ମୁଖ୍ୟ ଅଧିକାରୀ ଷ୍ଟିଭେନ ଚାଫର ଭାରତରୁ ତଡା ଖାଇଥିବା ଆମନେଷ୍ଟି ଏବଂ ଗ୍ରୀନପିସ୍ ପରି ସଂସ୍ଥା ସହ ରହିଛନ୍ତି । ଧନ୍ୟା-ରାଜେନ୍ଦ୍ରନ୍‌ଙ୍କ ଅଂଶୀଦାର ରିତୁ କପୁର ବ୍ରିଟେନରେ ଏକ ଜାଲି କମ୍ପାନୀ ଖୋଲି ଅତୀତରେ ଟିକସ ନଦେଇ ବନ୍ଦ କରିଦେଇଥିଲେ । ଏହିସବୁ ଜାଲି ଲୋକେ ବିଦେଶର ଜାଲି ସଂସ୍ଥା ଓ ଭାରତ ବିରୋଧୀ ଗୋଷ୍ଠୀ ସହ ସାମିଲ ହୋଇ ଦେଶରେ ଏବଂ ବିଦେଶରେ ଭାରତର ସମ୍ମାନକୁ କ୍ଷୁର୍ଣ୍ଣ କଲାପରି କାର୍ଯ୍ୟରେ ସାମିଲ ରହିଛନ୍ତି । ଇତି ମଧ୍ୟରେ କେବଳ ଆଦାନୀଙ୍କର ଯେମିତି କ୍ଷତି ହୋଇଛି ସେମିତି ଭାରତର ପୁଞ୍ଜିବଜାରରେ ବହୁକ୍ଷତି ହୋଇଛି । ଅନେକ ନିବେଶକଙ୍କ ଅର୍ଥର ମୂଲ୍ୟହ୍ରାସ ଘଟିଛି । ଚଳିତବର୍ଷ ଆରମ୍ଭରେ ବିଶ୍ୱର ତୃତୀୟ ଧନୀ ଭାବେ ମାନ୍ୟତା ଲାଭ କରିଥିବା ଆଦାନୀଙ୍କ ସଂପତ୍ତି ୧୨୧ ବିଲିଅନକୁ ଛୁଇଁଥିଲା । ହିଣ୍ଡନେବର୍ଗ ରିପୋର୍ଟ ପରେ ଫେବୃଆରୀ ୨ ବେଳକୁ ତାଙ୍କ ସଂପତ୍ତି ୧୦ଦିନରେ ହ୍ରାସ ପାଇ ୬୧.୩ ବିଲିଅନକୁ ଖସିଛି । ଆଦାନୀ ଧନୀ ତାଲିକାରେ ୩ରୁ ୨୧ତମ ସ୍ଥାନକୁ ଖସିଛନ୍ତି । ନିବେଶକଙ୍କର ୧୦ଲକ୍ଷ କୋଟି ଟଙ୍କା ବୁଡିଯାଇଛି । ୨୦୨୩ର ବିଶ୍ୱମାନ୍ଦାବସ୍ଥାରେ ଏପ୍ରକାର ଅନେକ ଷଡଯନ୍ତ୍ର ଦେଖିବାକୁ ମିଳିବ । କାର୍ପୋରେଟ ଲଢେଇରେ ଏମିତି ଅତୀତରେ ଅନେକଙ୍କ କ୍ଷତି ହୋଇଛି । ତେଣୁ ଭାରତର ଉଦୟରେ ଗାଡ୍ଡାବାଜ ହେଉଥିବା ସଂସ୍ଥା ଏବଂ ଲୋକେ ଆଗାମୀ ଦିନରେ ଏମିତି ଅନେକ କାର୍ଯ୍ୟ କରିବେ ସେଥିପ୍ରତି ସତର୍କ ରହିବା ଆବଶ୍ୟକ । ଧିରୁଭାଇ ଅମ୍ବାନୀଙ୍କ ବିରୁଦ୍ଧରେ ୮୦ଦଶକରେ ଏମିତି ଏକ ଝଡ ଆସିଥିଲା ଯାହାକୁ କୋଲକାତାର କିଛି ଦଲାଲ ଷଡଯନ୍ତ୍ର କରି ବଜାରକୁ ଛାଡିଥିଲେ । ହେଲେ ସେ ହାରି ନଯାଇ ତାର ମୁକାବିଲା କରିଥିଲେ । ଆଉ ଏବେ ରିଲାଏନ୍ସ ସମ୍ରାଜ୍ୟ କେଉଁଠି ରହିଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଅସଂଗଠିତ ଶ୍ରମିକଙ୍କ ଦୁଃଖ



**ଯୁଧିଷ୍ଠିର ମହାରଣା**

ଅସଂଗଠିତ ଶ୍ରମଜୀବୀ ସଂଗଠିତ ହୋଇ ନଥିବାରୁ ସେମାନଙ୍କ ଦୈନନ୍ଦିନ ସମସ୍ୟା ସମାଧାନ କରିବା ଦିଗରେ କୌଣସି ସଂଗଠିତ ଉଦ୍ୟମ ହୁଏନାହିଁ । ଇଟା, ପଥର, ଗୃହନିର୍ମାଣ, କାଠକାମ, ସାଧାରଣ କାମର ମହତ୍ତ୍ୱ ସରକାର ବା ବେସରକାରୀ ସଂସ୍ଥା ଠିକ୍ ଭାବେ ବୁଝିନଥିବାରୁ ସେମାନଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି । ଧାନ ଅମଳ ଶେଷ ହେଲେ ଗାଁରେ ବାସ କରୁଥିବା କୃଷକ ଶ୍ରମିକମାନଙ୍କ ମଧ୍ୟରୁ ଅନେକ ଦାଦନ ଖଟିବା ପାଇଁ ପ୍ରତିବେଶୀ ରାଜ୍ୟକୁ ଯାଆନ୍ତି । ଏମାନଙ୍କ ସଂଖ୍ୟା ଲକ୍ଷାଧିକ । ଏମାନଙ୍କର କୌଣସି ମଧ୍ୟ ସଂଗଠନ ନାହିଁ । ରାଜନୀତିକ ଦଳମାନେ ସଭା ଶୋଭାଯାତ୍ରା କରିବା ଦିନ ଏମାନଙ୍କୁ କିଛି ଅର୍ଥ ଦେଇ କାମ କରାନ୍ତି ଶୋଭାଯାତ୍ରାରେ ଯିବା ପାଇଁ ଓ ପିଏମଜି ଛକରେ ଇନ୍‌କିଲାବ ଜିନ୍ଦାବାଦ କରିବା ପାଇଁ । ଓଡ଼ିଶାର ସବୁଆଡ଼େ ଏହି ଚିତ୍ର ଦେଖିବାକୁ ମିଳେ ତେବେ ସବୁଠାରୁ ବଡ଼ ଗହଳି ଭୁବନେଶ୍ୱରରେ ଦେଖାଯାଏ । ଷ୍ଟେସନ ସ୍କୋୟାର, ରାଜମହଲ ଛକ, କଳ୍ପନା ଛକ, ରାମମନ୍ଦିର ଓ ରସୁଲଗଡ଼ ଛକରେ ପ୍ରତିଦିନ ସକାଳେ ଏମାନେ ଅପେକ୍ଷା କରନ୍ତି କାଳେ ସାମୟିକ ନିଯୁକ୍ତି ଦବା ପାଇଁ ଲୋକ ଖୋଜୁଥିବା କାହା ସହିତ ଦେଖା ହୋଇଯିବ ଓ କାମ ମିଳିଯିବ ଏଇ ଆଶାରେ । ଘର ନିର୍ମାଣ କାମ, ରାସ୍ତା ନିର୍ମାଣ କାମ, ଇଟା ତିଆରି କରିବା କାମ, ବୋଝ ବୋହିବା କାମ ପାଇଁ ଏମାନଙ୍କୁ ଖୋଜାଯାଏ । ସାମୟିକ ନିଯୁକ୍ତି ମଧ୍ୟ ମିଳିଯାଏ । କିନ୍ତୁ ସମସ୍ତଙ୍କୁ ନିଯୁକ୍ତି ମିଳେ ନାହିଁ । ସେମାନେ ନିରାଶ ହୋଇ ଘରକୁ ଫେରନ୍ତି ଖାଲି ହାତରେ । ଏମାନଙ୍କୁ କେବଳ ଅଧପେଟରେ ଶୋଇବାକୁ ପଡ଼େନାହିଁ, ପୁଅ ଝିଅ, ସ୍ତ୍ରୀ ସମସ୍ତଙ୍କୁ ଭୋକ ଉପାସରେ ସଢ଼ିବାକୁ ହୁଏ । ଦେଶର ଶ୍ରମଜୀବୀମାନଙ୍କ ମଧ୍ୟରୁ ଅଶୀ ପ୍ରତିଶତ ଅସଂଗଠିତ ଶ୍ରମିକ । ଏମାନେ ଦିନମଜୁରିଆ ହୋଇଥିବାରୁ ମାଲିକ ସହିତ ଦର ଦାମ ନକରି ପାଚେରୀକୁ ଲାଗି ଅସ୍ଥାୟୀ କୁଡ଼ିଆମାନଙ୍କରେ ବାସ କରନ୍ତି । ଏମାନଙ୍କର ଜାଗା ଜମି ନାହିଁ, ରାସନକାର୍ଡ଼, ଗରିବଭତ୍ତା, ବାର୍ଦ୍ଧକ୍ୟଭତ୍ତା, କାମ କଲାବେଳେ ଆହତ ହେଲେ ଏମାନଙ୍କୁ କିଛି ମିଳେ ନାହିଁ । ଏପରିକି ନିର୍ମାଣ ସ୍ଥଳରେ ପିଇବା ପାଣି ଓ ପ୍ରାଥମିକ ଚିକିତ୍ସାର ସୁବିଧା ନାହିଁ । ନିର୍ବାଚନ ସମୟରେ ଏମାନଙ୍କୁ ରଜାନୀତିକ ଦଳମାନେ ଅନେକ ପ୍ରକାର ପ୍ରଲୋଭନ ଓ ପ୍ରତିଶ୍ରୁତି ଦିଅନ୍ତି । ନିର୍ବାଚନ ଶେଷ ହେଲେ ଏମାନେ ଅଦକାରୀ ହୋଇଯାଆନ୍ତି । ସ୍ୱାଧୀନ ଭାରତରେ ଏପରି ଶ୍ରମଜୀବୀଙ୍କ ସଂଖ୍ୟା ପଚିଶ କୋଟିରୁ କମ୍ ହେବନାହିଁ । ଦେଶ କାମ, ସଚିବାଳୟ, ହୋଟେଲ, ମୋଟରଗାଡ଼ିର ଅର୍ଥ ଏମାନେ ବୁଝନ୍ତି ନାହିଁ । ସକାଳୁ ସନ୍ଧ୍ୟା ଏମାନେ ଖଟନ୍ତି ଗୋରୁ ପରି । ଏମାନଙ୍କ ପାଇଁ ବୀମା କରିବା ସକାଶେ ସରକାର ବ୍ୟବସ୍ଥା କରୁଥିବା ଶୁଣି ସେମାନେ ଆଶ୍ୱସ୍ତ ହୋଇଛନ୍ତି । କିନ୍ତୁ ଏହା ଅପେକ୍ଷା ସେମାନଙ୍କୁ ଯଦି ଉଚିତ ମଜୁରୀରେ କିଛି କାମ ଦିଆଯାଆନ୍ତା ତେବେ ଏମାନେ କୃତକୃତ୍ୟ ହୁଅନ୍ତେ । ଭାରତ ସରକାର ଜନଧନ ଯୋଜନାରେ ଏମାନେ ବ୍ୟାଙ୍କରେ କିଛି ଅର୍ଥ ଜମା କଲେ ଅଧିକ ସୁବିଧା ମିଳିବ ବୋଲି ଯୋଜନା କରିଛନ୍ତି । ବ୍ୟାଙ୍କରେ ସାମାନ୍ୟ ଅର୍ଥ ଜମା କଲେ ଏମାନଙ୍କ ନିରାପତ୍ତା ପାଇଁ ମଧ୍ୟ କିଛି ଅର୍ଥ ମିଳେ । ସେମାନେ ମହାତ୍ମା ଗାନ୍ଧି ଗ୍ରାମାଞ୍ଚଳ ବିକାଶ ଯୋଜନାରେ କାମ ପାଇଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସରକାରଙ୍କ ଠାରୁ ପ୍ରାପ୍ୟ ଅର୍ଥ ଶ୍ରମିକ ମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ପଠାଇ ଦବାର ବ୍ୟବସ୍ଥା ହୋଇଛି । ସମସ୍ତଙ୍କୁ ରାସନ କାର୍ଡ଼ ଦବା ପାଇଁ ସେମାନଙ୍କୁ ତାଲିକାଭୁକ୍ତ କରାଯାଇଛି । କିନ୍ତୁ ଭୁବନେଶ୍ୱରରେ ଝୁମ୍ପୁଡ଼ିମାନଙ୍କରେ ବାସ କରୁଥିବା ହଜାର ହଜାର ଲୋକଙ୍କ ଠିକଣା ନାହିଁ, ତେଣୁ ଏମାନଙ୍କୁ ରାସନ କାର୍ଡ଼, ବ୍ୟାଙ୍କ ସୁବିଧା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଦବା ପାଇଁ କିଛି ସୁଯୋଗ ନାହିଁ । ଧନଜନ ଯୋଜନାଭୁକ୍ତ ହେଲେ ଏମାନଙ୍କୁ କିଛି ସୁବିଧା ମିଳିବ । କିନ୍ତୁ ନିଯୁକ୍ତି ତ ସବୁଦିନ ମିଳିବ ନାହିଁ । ସୁତରାଂ ନିଯୁକ୍ତି ଦବା କାର୍ଯ୍ୟ ଯଦି ସରକାର କିଛି ପଦକ୍ଷେପ ନିଅନ୍ତେ ତେବେ ଏମାନେ ଅନିଶ୍ଚିତ ଅବସ୍ଥାରେ ନରହି ଜନସାଧାରଣଙ୍କ ସହିତ ସାମିଲ ହୁଅନ୍ତି । ଗ୍ରାମାଞ୍ଚଳରେ ମୋଟରଗାଡ଼ି, ଦୁଇଚକିଆ ଓ ଚାରି ଚକିଆ ଯାନ, ବିଦ୍ୟୁତ୍ ଉପଲବ୍ଧ ହେବା ପରେ ଶଗଡ଼, ସବାରୀ ପ୍ରଭୃତି ଅଚଳ ହୋଇଯାଇଛି । ଗ୍ରାମାଞ୍ଚଳରେ ଚାଉଳ କଳ, ଚୁଡ଼ା ଓ ମୁଢ଼ି ପ୍ରସ୍ତୁକ ରକିବା ପାଇଁ କଳ ବସିବାରୁ ଯେଉଁ ଗରିବ ମାନେ ଏ କାମ କରି ପେଟ ପୋଷୁଥିଲେ ସେମାନଙ୍କ ସାହା ଭରସା ତୁଟିଗଲା । ସରକାର ଏମାନଙ୍କ ପାଇଁ ମା ବାପା । ମା ବାପା ଯଦି ଗରିବ ମାନଙ୍କ ଜୀଇଁବା ପାଇଁ ଯୋଜନା ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ଦିଅନ୍ତେ ତେବେ ସ୍ୱାଭିମାନ ସୃଷ୍ଟି ହୁଅନ୍ତା ସେମାନଙ୍କ ମନରେ । କାମ କରିବାର ମର୍ଯ୍ୟାଦା ଅନୁଭବ କରନ୍ତେ ସେମାନେ । ପ୍ରଧାନମନ୍ତ୍ରୀ ଦୁଇ ଟ୍ରିଲେଅନ୍ ଡଲାର ଅର୍ଥନୀତି କୋଡିଏ ହଜାର ଟ୍ରିଲେଅନ କରିବା ପାଇଁ ସ୍ୱପ୍ନ ଦେଖୁଛନ୍ତି । ଏହା ଶୁଣି ଭରସା ଆସୁଛି ମନରେ ଦିନେ ନା ଦିନେ ଦୁଃଖ ଯିବ ବୋଲି । ମେଡ଼ ଇନ୍ ଇଣ୍ଡିଆ ନୀତି କାର୍ଯ୍ୟକାରୀ ହେଲେ ନିଯୁକ୍ତିର ବାଟ ଫିଟିଯିବ । ସେତେବେଳକୁ ଏଇ ବଳକା ଶ୍ରମଜୀବୀମାନଙ୍କୁ ଯଦି କୁଶଳୀ ହେବା ପାଇଁ ପ୍ରଶିକ୍ଷଣ ଦବା ବ୍ୟବସ୍ଥା ହୁଅନ୍ତା ତେବେ ରାଜ୍ୟ ବାହାରକୁ ଗଲେ ମଧ୍ୟ ସେମାନଙ୍କ ରୋଜଗାର ବଢ଼ନ୍ତା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୧୬୩୫୨୮*


## ଧାରାବାହିକ ଉପନ୍ୟାସ

ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୬




*(ପୂର୍ବପ୍ରକାଶ ଉତ୍ତାରୁ)*

ତୁମେ ଏପରି ସ୍ଥିତିକୁ କାହିଁକି ଯାଉଛ ମନିଷା ? ପରିବେଶ କାହିଁକି ବଦଳିଗଲା,ତୁମେ କଣ କେବେ ତର୍ଜମା କରିଛ ଜୀବନରେ ?

ଏବେ ସେସବୁ ଡିସ୍କସନ୍ କରି କିଛିଲାଭ ନାହିଁ ଅନିମେଶ୍। ବରଂ ଆଗକୁ ବଢିବା..ବୁଝାଇବା ପରି କହିଲା ମନିଷା।

ୟା'ପରେ ଆଉ କଣ ରଖିଛ ମୋ ଜୀବନରେ..କି ପ୍ରକାରର ବିଷ,ଯାହାକୁ ଖାଇଲେ ତତ୍‌କ୍ଷଣାତ୍ ମରିପାରିବି ତ ?

ମନିଷାର କଣ୍ଠ ଥରିଗଲା-ଥାଉ,ଏତେ ଲାନ୍ଛନା ଦିଅନାହିଁ। କି ନିଜକୁ ଏତେ ଅସହାୟ କରିପକାଅ ନାହିଁ। ଆମେ କେହି କାହାରିକୁ ଫିଟ୍ ନୁହେଁ କି ନଥିଲେ କେବେ ! ଚାଲ ଡିଭୋର୍ସ ନେଇଯିବା। ବାସ୍,ତାପରେ ଆମେ ଆମ ଦୁନିଆଁ ଭିତରେ। ଆଉ କାହାର ବି ଅନଧିକାର ପ୍ରବେଶ ରହିବନି କାହା ଜୀବନରେ !

ଜାଣିଥିଲି ତୁମେ ତୁମ ସୁଖ ପାଇଁ ଏଇ ନିଷ୍ପତ୍ତି ହିଁ ନେବ ! ହେଲେ ତା ପୂର୍ବରୁ ଏକାଠି ରହି ଠିକ୍ ଭୁଲର ତର୍ଜମା କରିବାଟା ବି ଭୁଲିଗଲ ?

ସେସବୁରେ ଲାଭ ନାହିଁ ଆଉ। ମୁଁ ନିଜକୁ ବୁଝିସାରିଛି। ମୋ ଜୀବନଶୈଳୀ ଭିନ୍ନ। ଆଉ ତୁମେ ଭିନ୍ନ ପୃଥିବୀର ମଣିଷ।

ତୁମକୁ ଖୁବ୍ ଭଲଝିଅ ମିଳିଯିବେ ଅନିମେଶ୍। ଦିନ ଆସିବ ମନିଷାକୁ ତୁମେ ତୁମ ଆଗରେ ଦେଖିଲେ ବି ଚିହ୍ନି ପାରିବନି। ମୋ ଅପେକ୍ଷା ବରଂ ତୁମ ପାଇଁ ଡିଭୋର୍ସ ଜରୁରୀ। ଗୋଟେ ଅଧାରୁଆ ଜୀବନ ତୁମଭଳି ଲୋକମାନେ ଜୀଇଁପାରନ୍ତି ନାହିଁ। ମଝିମଝିଆ ଜୀବନ ସେମାନଙ୍କୁ ଅତିଷ୍ଠ କରାଏ ଅହରହ। ସେମାନେ ଗୋଟେ ସଫାସୁତୁରା ଜୀବନ ଚାହାନ୍ତି। ହେଲେ ମେଟ୍ରୋରେ ସେଭଳି ଜୀବନ କାହିଁ ? ଆମେମାନେ ସେ ମଇଳାଭରା ଜୀବନ ସହିତ ଏତେ ଭଲଭାବରେ ଅଭ୍ୟସ୍ତ ହୋଇଗଲୁଣି ଯେ ସେଥିରୁ ମୁକ୍ତି ନାହିଁ। ତୁମଘରେ କୌଣସି ନିଶା ଚଳିବନି। ଆଉ ମୁଁ ଗୋଟେ ନିଶାଖୋର୍ ଝିଅ..ବିନା ଡ୍ରଗ୍‌ସ ଆଉ ମଦରେ ମୁଁ ବଂଚିପାରେନାହିଁ। ଆଉ ତୁମେ ମଦ ଓ ଡ୍ରଗ୍ସ ସହିତ ବଂଚିପାରିବ ନାହିଁ। ଏତେ ତଫାତ୍ ଆମ ଭିତରେ ! ତେବେ ସେଠି ଜୀବନ କାହିଁ ?

ତେବେ ଠିକ୍ ଅଛି ତୁମେ ପେପର୍ ରେଡି କର।

ଅଲରେଡି ରେଡି ଅଛି। ଖାଲି ସାଇନ୍ କରିବା ବାକୀ। ତଥାପି ଆଜିଟା ରହି ବାକିତକ ଝାମେଲା ତୁଟାଇଦେଇ କାଲିକୁ ଚାଲିଯିବ।

ଠିକ୍ ଅଛି। ଏତେବଡ କାମ କରିବାର ଅଛି ଯେତେବେଳେ ସମୟ ତ ଦେବାକୁ ହେବ ନିଶ୍ଚୟ ! କଲିଂବେଲ୍ ବାଜିଉଠିଲା। କେୟାର୍ ଟେକର୍ ଯାଇ କବାଟ ଖୋଲୁଖୋଲୁ ଭିତରକୁ ପଶିଆସିଲେ ଜଣେ ସୌମ୍ୟ ସୁଦର୍ଶନ ଯୁବକ। ଆନୁମାନିକ ବୟସ ସତେଇଶ କିମ୍ବା ଅଠେଇଶ ବର୍ଷହେବ। ମନିଷା ଧାଇଁଯାଉ ତାକୁ କୋଳାଗ୍ରତ କଲା। ଅନେକ ସମୟଧରି ତା ଦେହରେ ଝୁଲିରହିଲା। ତାପରେ ସାମାନ୍ୟ ଅପ୍ରତିଭ ହୋଇ ଅନିମେଶଙ୍କ ସହିତ ପରିଚୟ କରାଇଦେଲା-

ଇଏ ମୋର ଏବେକାର ବୟଫ୍ରେଣ୍ଡ- ଶିବାଜୀ..ବିଜିନେସ୍ ମ୍ୟାନ୍ ଏବଂ ମୋଷ୍ଟ ଏଲିଜିବ୍ଲ ବ୍ୟାଚେଲର୍। ହେଲେ ଅନ୍ୟଝିଅମାନଂକ ଆଖିରେ ଆଙ୍ଗୁଠି ଗେଞ୍ଜି ସେମାନଙ୍କଠାରୁ ଛଡେଇନେଇଛି ମୁଁ ୟା'ଙ୍କୁ। ଆମ ଦୁହିଁଙ୍କ ଜୀବନ ଶୈଳୀରେ ଖୁବ୍ ସମାନତା। ଭାବୁଛି ଅନେକ ବର୍ଷ ଯାଏଁ ରହିବ ଆମ ସଂପର୍କ ! ତୁମପାଇଁ ବି ଗୋଟେ ଶାନ୍ତ ସୁଶୀଳ ଝିଅଟିର କାମନା କରୁଛି। ସେ ଶୀଘ୍ର ତୁମକୁ ମିଳିଯାଉ। ତାହେଲେ କାହାମନତଳେ କୌଣସି କ୍ଷୋଭ ରହିବନି ଆଉ।

ଅସହ୍ୟ ଲାଗୁଥିଲା ସେ ପରିବେଶଟା ଅନିମେଶଙ୍କୁ। ସେ ବିଚଳିତ ହୋଇପଡୁଥିଲେ ମନିଷାର ଏପରି ଅଭଦ୍ରାମୀରେ। ସେ କଣ ବୋକୀ ନା ଖୁବ୍ ଚାଲାକ୍। ଅନ୍ୟର ମାନସିକ ସ୍ଥିତି ସେ କଣ କେବେ ବି ବୁଝିବାକୁ ଚାହେଁନି ?

*(କ୍ରମଶଃ)*

## କୁନି ଝିଅ ଓ ଦୁର୍ଗା ମେଢ

ଦୀନବନ୍ଧୁ ବେଜ



ପାଦଦ୍ରୁତ ଥିଲା, ମନ ଚଞ୍ଚଳ ଥିଲା, ଉଦବେଗ ବଢି ବଢି ଯାଇଥିଲା ଶରୀରରେ ହାଇ ଟେମ୍ପରେଚର ଥିଲାବେଳେ ଥର୍ମୋମିଟରରେ ପାରା ବଢ଼ିଲା ପରି। ସାନ ଝିଅଟି କହୁଥିଲା ମା' ଆଉ କେତେ ଦୂର ରହିଲା ଦୁର୍ଗାମେଢ। ମା' କହୁଥିଲେ ଆଉ ଅଳ୍ପ ବାଟ, ଧରିନେ ଦି ଡାକ। ଦୁଇଜଣଙ୍କ ପାଦ ଆଗକୁ ଚାଲୁଥିଲେ ଲକ୍ଷ୍ୟ ଗୋଟିଏ ଥିଲା ଦେବୀ ଦର୍ଶନ।

ପୀଠରେ ମା'ଙ୍କର ଆବିର୍ଭାବ ତିନିଦିନ ହେଲାଣି, ପୂଜା ପାଇଁ କେତେ ଲୋକଙ୍କ ମେହେନତୀ ଗଲାଣି। ଗାଁର ପିଲାମାନେ ପ୍ରଥମେ ମିଳି ମିଶି ଚାନ୍ଦା କଲେ, ରାସ୍ତା କଲେକସନ ସହିତ ଗତ ବର୍ଷରୁ ସାଇତା ମୁଦ୍ରାବି ଏଥର ଯୋଗ କରାଯାଇଛି। ମହାମାରୀ ପରେ ପ୍ରଥମ ଥର ମନ ଖୋଲି ପିଲାମାନେ ପୂଜାର ଯାବତୀୟ କାରିଗରିରେ ସାମିଲ ହୋଇଛନ୍ତି। ପିଲାମାନେ ଏଣେ ତେଣେ ଘୂରି ବୁଲୁଛନ୍ତି। ସବୁ ସେମାନେ କରନ୍ତୁ ବୋଲି ଗାଁ ବୁଦ୍ଧିଜୀବୀଙ୍କ ଦ୍ୱାରା ମଧ ଅଭୟ ବାଣୀ ଶୁଣାଇ ଦିଆଯାଇଛି--ଅତଏବ ସେମାନେ କାର୍ଯ୍ୟରେ ବାହାରିଗଲେ ମା'ଙ୍କୁ ଜଣାଉଥିଲେ ବୟୋଜ୍ୟେଷ୍ଠ ମାନେ। ସେମାନଙ୍କ ଭିତରୁ ଜଣେ କହିଲେ ନାହିଁରେ ସାଙ୍ଗ ତରତର ହେବାର ଆବଶ୍ୟକ ନାହିଁ ସବୁ ଠିକ ଠିକ ଚାଲିଛି। କେବଳ ଆମ ସଂଖ୍ୟା ଟିକେ କମିଯାଇଛି। ଆଳତୀ ପାଇଁ ଘଣ୍ଟା, ମର୍ଦ୍ଦଳ, ଝାଞ୍ଜ, କରତାଳି ଓ ଗିନି ବଂଷ୍ଟା ଚାଲିଛି କିନ୍ତୁ ବଣ୍ଟି , ନୂତନ ଓ ଯତୀନର ଦେଖାନାହିଁ, ନନାଙ୍କ କଣ୍ଠରୁ ମାଇକରେ କିନ୍ତୁ ସ୍ପଷ୍ଟ ଶୁଭା ଯାଉଥିଲା ଯା ଦେବୀ ସର୍ବ ଭୂତେଷୁ ମାତୃରୂପେଣ ସଂସ୍ଥିତା, ନମ ତସ୍ମୈଇ ନମଃ ତସ୍ମୈଇ ନମଃ ତସ୍ମୈଇ ନମଃ ନମଃ।

ଘଣ୍ଟ ଘଣ୍ଟା ମର୍ଦ୍ଦଳର ଗହ ଗହ ଶବ୍ଦ ତୁହାକୁ ତୁହା ବାଜି ଉଠୁଥିଲା ନୂତନ ତରୁଣମାନଙ୍କ ଉଦ୍ଦାମ ହାତବାଜି, ଏହି ସମୟରେ ସ୍ତ୍ରୀ ଲୋକଟି ଦଉଡ଼ି ଦଉଡ଼ି ଆସି କହିଲା ଝିଅକୁ ଧରି ସାଙ୍ଗରେ... ଆସୁ ..ଥିଲି ମେଢ଼ ଦେଖିବାକୁ। ମୋତେ ମାରଧର କରି ମୋ ସହିତ ଥିବା ମୋ ଝିଅକୁ କେତେ ଜଣ ମଦୁଆ ଉଠାଇ ନେଇଛନ୍ତି ...। ମୋ ଝିଅକୁ ରକ୍ଷା କର ମା'। ମୋ ଝିଅକୁ ରକ୍ଷା କର ବାବୁ ମାନେ। କୋହକୁ ଚାପି ନପାରି ମା' ଟି ଆଖିରୁ ଝରି ପଡୁଥିଲା ଲୁହ। ବୟୋଜ୍ୟୋଷ୍ଠଙ୍କ ନିର୍ଦ୍ଦେଶ କ୍ରମେ ହଠାତ ଆଳତୀ ବନ୍ଧ କରାଗଲା। ଯୁବକମାନେ କହୁଥିଲେ ସବୁ ଅନର୍ଥ ହୋଇଗଲା। ସେଠାରେ ଠିଆ ହୋଇଥିବା ମା' ଭଉଣୀ ମାନେ ପାଖରେ ଥିବା ପିଲାମାନଙ୍କୁ ନିଜ ଆଡକୁ ଆଉଜି ନେଇ କୁହା କୁହି ହେଉଥିଲେ କି ଯୁଗ ହେଲା।

ସଭିଏଁ ବାହାରି ପଡିଲେ ସେହି କୁନି ଝିଅକୁ ଖୋଜିବା ପାଇଁ। ଅନତି ଦୂରରେ ଥିବା କିଆ ବୁଦା ପାଖରେ ଖଣ୍ଡିଆ ଖାବରା ହୋଇ ପଡ଼ିଥିବା ଝିଅଟିକୁ ଦେଖି ଚିହିଁକି ଉଠିଲେ ସମସ୍ତେ। ଗରିବ ମା' ଟି ସେତେ ବେଳକୁ ବେହୋସ ହୋଇ ସାରିଥାଏ। ଦରଦି ହୃଦୟର ମା'ମାନଙ୍କ ଆଖି ଛଳ ଛଳ ହୋଇ ସାରିଥାଏ। ଦୃଢ ହୃଦୟର କେତେଜଣ ମହିଳା ଝିଅଟିର ଶରୀରକୁ ଗୋଟାଏ ଗାମୁଛା ରେ ଘୋଡାଇ ଦେଉଥିବା ସମୟରେ ଆମ୍ବୁଲାନସ ପହଞ୍ଚିଗଲା। ବୋଧହୁଏ କେହି ଶିକ୍ଷିତ ବ୍ୟକ୍ତି ସଙ୍ଗେସଙ୍ଗେ ଆମ୍ବୁଲାନ୍ସକୁ କଲ କରି ଡାକି ଦେଇଥିଲେ। ସେପଟେ ଝିଅର ଡାକ୍ତର ଖାନାରେ ଚିକିତ୍ସା ଚାଲିଲା। ଏପଟେ ଦୁର୍ଗା ମା'ଙ୍କର ପୂଜା ଜୋର ସୋରରେ ଚାଲିଲା, ମଝିରେ ମା' ଟି ନ୍ୟାୟ ପାଇବାକୁ ବାର ଦୁଆର ଶୁଣ୍ଡି ପିଣ୍ଡା ହୋଇ ଶେଷରେ ପୂଜା ମଣ୍ଡପ ପାଖରେ ଲମ୍ବାଲମ୍ବ ହୋଇ ଅଧିଆ ପଡ଼ିଲା।

ସବୁ ଚିକିତ୍ସା ବେକାର ହେଲା, ଝିଅଟି ଯନ୍ତ୍ରଣାର ଛଟ ପଟ ହୋଇ ଆଖି ବୁଜିଦେଲା, ମା' ଟି ବାଇଆଣୀ ପାଗିଳି ପରି ଚିତ୍କାର କରି ମୋ ଝିଆ କୁ ଫେରାଇ ଦେ ମା', ମୋ ଝିଅକୁ ଫେରାଇ ଦେ ମା' କହି ଖାଲି ବିଳି ବିଳେଇ ହେଲା। ଦଶମୀ ଦିନ କମିଟି ତରଫରୁ ନିଷ୍ପତି ହେଲା ଦୁଷ୍ଟ ଶକ୍ତି ବଢ଼ିଯାଇଛି ପ୍ରତିକାତ୍ମକ ଭାବରେ ଏଥର ରାବଣ ପୋଡି ଜୋରଦାର କରାଯିବ। ବଡା ବାଉଁଶରେ ପଚାଶ ଫୁଟର ଦଶ ମୁଣ୍ଡିଆ ରାବଣ ତିଆରି ହେଲା ତାର ଅଙ୍ଗ ଅଙ୍ଗରେ ବାରୁଦ ଖଞ୍ଜିଦିଆ ଗଲା। ବେଶି ବାଣ ରୋଷଣୀ ଏଥର ବିରାଟକାୟ ରାବଣ ଙ୍କଙ୍କାଳରେ ଲଗାଗଲା। ଏକଥା ବିଶେଷ କରି ବିଷର୍ଣ୍ଣ ମନରେ ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ହିଁ କରୁଥିଲେ। ବିଜୟା ଦଶମୀ ବା ରାବଣପୋଡି ସମୟ ଉପଗତ ହେଲା ଦଶମୁଣ୍ଡିଆ ଦୁଷ୍ଟ ଶକ୍ତିକୁ ହରାଇବାକୁ ବିଜୟ କରିବାକୁ ଏଥର ଗାଁର ଆବାଳ ବୃଦ୍ଧ ବନିତା ସମସ୍ତେ ଲାଗି ପଡିଥିଲେ। କାହାର କିନ୍ତୁ ପାଟି ଖୋଲୁ ନଥିଲା। ସମ୍ମାନିତ ଅତିଥି ମୁଖ୍ୟ ଅତିଥି ବିଶିଷ୍ଟ ବକ୍ତା ଓ ମୁଖ୍ୟବକ୍ତା ସେହି ଗୋଟିଏ କଥା ବାରମ୍ବାର ଦୋହରାଉ ଥିଲେ। ଗାଁର ନିରିହ ବାପ ଛେଉଣ୍ଡ କୁନି ଝିଅ କାହାର କି ଦୋଷ କରିଥିଲା ଯେ ତାଙ୍କୁ ନର ରାକ୍ଷାସ ମାନେ ଏହି ଦଶା ଦେଲେ। ସେପଟେ ଧରା ନପଡିବା ଖୁସିରେ ମସଗୁଲ ଥିଲେ ବଣ୍ଟି, ନୂତନ ଓ ଯତୀନ। ଟାଙ୍କେ ଟାଙ୍କେ ମଦ ପିଇ କିଛି ନଜାଣିବା ଅଭିନୟରେ କୁମ୍ଭୀର ପରି କୃତ୍ରିମ କାନ୍ଦଣାବି କରୁଥାନ୍ତି ସେମାନ। ରାବଣ ପୋଡି ସମୟ ଉପଗତ ହେଲା, ମୁଖ୍ୟ ଅତିଥି ଧନୁତୀର ରାବଣ ଉପରକୁ ନିକ୍ଷେପ କରିଦେଲେ। ହୁ ହୁ ହୋଇ ଜଳି ଉଠିଲା ରାବଣ। ଏପଟେ ବଣ୍ଟି କିନ୍ତୁ ମଦ ନିଶାରେ ହିତାହିତ ଜ୍ଞାନ ଭୁଲି ସବୁ ସତକଥା ଓଗାଳିବା ଉପରେ। ତାକୁ ଯେତେ ବାଧା ଦେଲେ ବି ତାର ପରବାୟ ନାହିଁ। ତାକୁ ଧରିବାକୁ ପଛରେ ଗୋଡାଇଲେ ନୂତନ ଓ ଯତୀନ, ସେ ଦଉଡିଲା ଦଶମୁଣ୍ଡିଆ ରାବଣ ଆଡକୁ, ଏ ଦୁଇ ଜଣ ମଧ ତାକୁ ଧରିବାକୁ ସେ ଆଡ଼କୁ ଦଉଡ଼ିଲେ। ଭୟଙ୍କର ରୂପ ନେଇଥିବା ରାବଣ ହଠାତ ତିନିଜଣଙ୍କ ଉପରେ ଭାଙ୍ଗିପଡିଲା। ବାଣ ରୋଷଣୀ ଡରରେ ହଟାତ କେହି ସାହସ କରି ପାରିଲେନି ଉଦ୍ଧାର ପାଇଁ। ସଜାଗ ଥିବା ଦମକଳ ପାଣି ମାରିବା ପୂର୍ବରୁ ସବୁ ସରି ଯାଇଥିଲା। ଖାଲି ସୁକୁ ସୁକୁ ହେଉଥିବା ବଣ୍ଟି ଥଙ୍ଗ ଥଙ୍ଗ କଣ୍ଠରେ ଏତିକି କହିଲା ଆମେ...ଆମେ...ସେ ଝିଅକୁ ଏପରି ଅବସ୍ଥା କ.. କ...ଆଉ କହି ପାରିନଥିଲା ସେ, ସବୁଦିନ ପାଇଁ ପାଟି ବନ୍ଧ ହୋଇ ଯାଇଥିଲା ତାର।

ସମସ୍ତେ ଅଚମ୍ଭିତ ହୋଇ ଯାଇଥିଲେ ସେଦିନ। ଚାହୁଁ ଚାହୁଁ ଅଚାନକ ଭାବରେ ସବୁ ଘଟିଗଲା। ଯେଉଁ ପିଲା ମାନଙ୍କ ଉପରେ ଭରଷା କରି ଏସନ ପୂଜା ଦାଇତ୍ୱ ଦିଆ ଯାଇଥିଲା ସେମାନଙ୍କ ଭିତରେ ରାବଣ ଥିଲେ ବୋଲି ସେମାନେ କୁହାକୁହି ହେଉଥିଲେ। ତାଙ୍କ ଭିତରୁ ଜଣେ ବୟସ୍କ ବ୍ୟକ୍ତି କହି ଉଠିଲେ ସୀତା ମା' ରାକ୍ଷସ ରାବଣ ପାଖରେ ବନ୍ଦୀ ଥାଇବି ସୁରକ୍ଷିତ ଥିଲେ ମାତ୍ର ଆଜି ନିଜକୁ ସ୍ୱାଧୀନ ବା ମୁକ୍ତ ଭାବୁଥିବା ନାରୀର ପାଦ ପାଦରେ ବିପଦ। ଦେଖାଗଲା ସେପଟେ ଦେବୀଙ୍କ ପାଖରେ ଅଧିଆ ପଡିଥିବା ମା' ଟି ଦେବୀଙ୍କୁ ଚାହିଁ ଖିଲି ଖିଲି ହସୁଛି ଆଉ ଦୁର୍ଗା ମାଆଙ୍କ ପ୍ରତିମୂର୍ତ୍ତି ମଧ ଅଧିକ ଉଜ୍ଜଳ ଦିଶୁଛି।

*ସଂପାଦକ, ଜାତୀୟ କବି ଲେଖକୁ ସଂଗଠନ*
*ବାସୁଦେବପୁର, ଭଦ୍ରକ*
*ଭ୍ରାମ୍ୟଭାଷ : ୭୬୮୩୯୨୦୨୨୧*

## କବିତା



### ଫେରିବାର ପଥକୁ ଚାହିଁଛି



ଅନସୂୟା ପଣ୍ଡା


ଜୀବନ ମୃତ୍ୟୁର ଟନେଲ ଭିତରେ
ଘଡିଏ ଅନ୍ଧାରର ଗଳି ରାସ୍ତା
ତା' ଅସ୍ତିତ୍ୱ ଜାହିର କରେ
ଆଉ ଘଡିଏ ଫର୍ଚ୍ଚା ଫର୍ଚ୍ଚା ଆଭାସିତ ରାସ୍ତା
ଇଚ୍ଛା ଅନିଚ୍ଛାକୁ ଏଡେଇ ପଶିଆସିଛି
ମଧୁ ମାଧବୀର ସୁରଭି ନେଇ।
କେବେ ମମତାର ମାୟା ଉକୁଟି ଉଠିଛି
ଅବଦମିତ ଯନ୍ତ୍ରଣାର ମାଟି ମୁଠାକରେ
ଓଠରେ ହସ ଫୁଟି ଉଠିଛି
ଦୁଇ ପାଖୁଡା ମେଲି ପ୍ରଗଳଭତାର ନାଭିନାଡରୁ।
କେବେ ଘୃଣାର ଇନ୍ଦ୍ରଜାଲ ଲଟେଇ ଉଠିଛି
ମନର ଏନ୍ତୁଡିଶାଳରେ
ଛଳନାର ଉହାଡ ସେପାଖରେ
ତାଚ୍ଛଲ୍ୟରେ ମୁରୁକି ହସୁଥିବା
ଚରିତ୍ରମାନଙ୍କର କୁଟିଳ ଆକ୍ଷେପରେ।

କେବେ ଜୀବନ ମୃତ୍ୟୁକୁ ଏଡେଇବାର
ଅଦମ୍ୟ ଚେଷ୍ଟା କରୁଛି ବିଳାସର ସମ୍ମୋହନରେ
ପ୍ରୀତି ପ୍ରାଚୁର୍ଯ୍ୟର ଆକର୍ଷଣରେ
ଅମରତ୍ୱ ଲୋଡୁଛି
ପ୍ରାପ୍ତିର ଅଶେଷ ଅନ୍ୱେଷଣରେ।
କେବେ ମୃତ୍ୟୁ ଉଦବେଗରେ ବାଟ ଚାହିଁଛି
ତପସ୍ୟାଭଗ୍ନ ଯଜ୍ଞଶାଳାର ହୋମକୁଣ୍ଡରେ
ହାତରୁ ସବୁ ବିଛେଇ ପଡିଥିବା
ଅସାର ବିକଳାଙ୍ଗ ଚିତ୍ରପଟ୍ଟରେ।
ମନ ଉଦାସରେ ନିଥରି ଯାଇଛି
ମୂହୁର୍ତ୍ତ ସବୁ ପାହାଡ ପରି ଲାଗୁଛି
ସେଇ ଫେରିବାର ପଥକୁ
ଆଖି ତରାଟି ଚାହିଁଛି।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୯୪୩୯୨୧୧୯୭୧*

### ସନ୍ଧ୍ୟା


ପ୍ରଶାନ୍ତ କୁମାର ମିଶ୍ର



ଦିବସର ଶେଷେ
ଦିନମଣୀ ହସେ
ଦିନମାନ କାର୍ଯ୍ୟ ସାରି,
ଦିନ ଅବସାନ
କରନ୍ତି ବହନ
ଅସ୍ତାଚଳେ ବିଜେ କରି।
ନୀଳିମାର ଛିଟା
ଦିଶେ ଆକାଶଟା
ନ ପାଇ ସୁରୁଜ ରେଣୁ,
ନିଡ଼କୁ ବାହୁଡ଼ି
କଳରବ କରି
ମୁଖରିତ ନଭ ତନୁ।
ଗୋଗଷ୍ଠ ଫେରନ୍ତି
ହମ୍ବାରଡ଼ି କରି
ଧୂଳି ଧୂସର ଉଡ଼େଇ,
ଉଚ୍ଛୁଳି ପଡ଼ଇ
ଶଙ୍ଖ ହୁଳହୁଳି
ଘର ମନ୍ଦିର ଫଟେଇ।
ତୁଳସୀର ମୂଳେ
ସଞ୍ଜବତୀ ଜାଳେ
ଭୁଆଷୁଣୀ କୂଳବଧୂ,
ଅଳସୀ ନାୟୀକା
ସଜବାଜ ହୁଏ
ଆକାଶରେ ଦେଖି ଇନ୍ଦୁ।

*ବାଙ୍କି*

### ଭିନ୍ନ ନାୟିକା



ପ୍ରଣତାଞ୍ଜଳୀ ଜେନା

ପ୍ରଚ୍ଛଦପଟ୍ଟର ଭିନ୍ନ ନାୟିକା ମୁଁ
ଅଭିନୟ କରେ ଖାଲି
ହାରିଛି କେତେ ବା ଜିତିଲି କେତେ ମୁଁ
କେହି ପଚାରେନି ଖୋଲି।
କାହା ପାଇଁ ହସେ କାହା ପାଇଁ କାନ୍ଦେ
କାହା ପାଇଁ ଗାଏ ଗୀତ
କାହା ପାଇଁ ସାଜେ ଅଳକାନନ୍ଦା ମୁଁ
କାହାର ପରାଣ ମିତ।
ଗୌଣ ମୁଁ ସବୁରି ଚିନ୍ତନେ ମନନେ
ଜାଣେନାହିଁ କିଏ ମୁହିଁ
ମୁଁ ଆଜି ଖୋଜୁଛି ମୋର ପରିଚୟ
ଶୂନ୍ୟ ମନ୍ଦିରରେ ଥାଇ।
ସବୁରି ପାଇଁକି ତିଳତିଳ ଜଳି
ନିଶ୍ୱ ଯେବେ ହୋଇଯାଏ
ପରିଚୟ ମୋର ଭୁଲିଯାଏ ଖୋଜି
କେବେ ଥିଲି ମୁଁ କିଏ ?
ନୁହେଁ ମୁଁ ସାବିତ୍ରୀ ମୁଁ ନୁହଇଁ ସୀତା
ନୁହେଁ ମୁହିଁ ବସୁମତୀ
ଅନ୍ତରାଳେ ଥାଇ ସବୁରି ମଙ୍ଗଳ ମନାସେ
ସବୁଦିନ ସବୁ ରାତି।

*ହାଟବାଣପୁର, କେନ୍ଦ୍ରାପଡା*

### ତୁମ କଥା

ସିଦ୍ଧେଶ୍ୱର ତ୍ରିପାଠୀ



କାଗଜ କଲମ ପଡିଲେ ହାତରେ
ଲେଖିବସେ ତୁମ କଥା
ସେଇ ମିଠା ସ୍ମୃତି ଅଦିନ ଫଗୁଣ
ବିରହ ବେଳର ବ୍ୟଥା।
କେତେ ମିଠା ଗପ ଶୁଣି ଶୁଣି ମୋର
ରାତି ଯାଉଥିଲା ପାହି
ସେଇ ରାତି ସବୁ ଉପହାର ଦେଲ
ଲୁହରେ ଭିଜିବା ପାଇଁ।
ସାତ ସୂର ଛୁଇଁଥିଲା ଯେଉଁ ଓଠ
ଆଜି ସେଠି ନୀରବତା
କାଗଜ କଲମ ପଡିଲେ ହାତରେ
ଲେଖିବସେ ତୁମ କଥା।
ତୁମ ଉପହାର ଛଳନାର ହାର
ସତ ବୋଲି ଭାବିନେଲି
ଆଜିବି ସେମିତି ସବୁ ସାଇତିଛି
ଯେମିତି ସାଇତି ଥିଲି।
ଆଜିବି ତୁମକୁ ଭାବିଦେଲେ ଥରେ
ନଇଁ ଯାଏ ଆଖି ପତା
କାଗଜ କଲମ ପଡିଲେ ହାତରେ
ଲେଖିବସେ ତୁମ କଥା।

*ଖୋର୍ଦ୍ଧା*

## କଳ୍‌କୀ





ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏ, ଏକ ଅବତାର, ଜନ୍ମ ନେବେ ବୋଲି ଲୋକରେ ପ୍ରଚାର ଭବିଷ୍ୟ ପୁରାଣରେ ଏହାର ପ୍ରମାଣ ମିଳୁଛି। କିନ୍ତୁ ଭବିଷ୍ୟ ପୁରାଣ କେବେ ଲେଖା ଯାଇଥିଲା ତାର କିଛି ସଠିକ ପ୍ରମାଣ ନାହିଁ। ବଡ଼ ବଡ଼ ନାମଯାଦା ଲୋକଙ୍କ ନାମରେ ହବୁ ଗ୍ରନ୍ଥ ରଚନା କରି ଅନେକ ରୋଜଗାରକ୍ଷମ ହେବାକୁ ଚେଷ୍ଟା କରିଚାଲିଥାନ୍ତି। କଳିଯୁଗର ଅନ୍ତ କଳକୀ ଅବତାର କରିବେ ଏକଥା ଯଦି ସତ୍ୟ ତେବେ ତାପର ସମୟ ନାମ ନିଶ୍ଚେ ସତ୍ୟଯୁଗ ହେବ। ସତ୍ୟ ଅର୍ଥ ଯାହାର ଚିରନ୍ତନୀ ଯହିଁରେ ସମସ୍ତେ ସୁଖରେ ରହିପାରିବେ।

ପ୍ରତି ରାଜାଙ୍କର ଏକ ପ୍ରଶାସନିକ ବ୍ୟବସ୍ଥା ଥାଏ। ରାଜାଙ୍କୁ ପ୍ରଜାପାଳନ ପ୍ରଜାଙ୍କ ପଇସାରେ ହିଁ କରିବାକୁ ହୋଇଥାଏ। ହେଲେ ରାଜାଙ୍କୀର ଯେଉଁ ଚାରି ନୀତି ରହିଛି କିଏ କେତେବେଳେ ତାଙ୍କ ପ୍ରଶାସନରେ ରାଜ ନିରଙ୍କୁଶ କରିବା ପାଇଁ ସେହି ଚାରିନୀତିରୁ କୌଣସି ଏକ ନୀତିକୁ ପ୍ରାଧାନ୍ୟ ଦେଇଥାନ୍ତି। ଦଣ୍ଡନୀତି ପ୍ରଥମ, ଯାହାର ଭୟରେ ବାଘ ବକ୍ରୀ ଏକ ଘାଟରେ ପାଣି ପିଉଛନ୍ତି। ଏହି ଦଣ୍ଡଭୟ ସର୍ବଦା ସବୁ ପ୍ରଶାସନରେ ରହିଛି ହେଲେ ରାଜା ଓ ତାଙ୍କ କର୍ମଚାରୀ ଦଣ୍ଡନୀତିର ଭୟ ଦେଖାଇ କିଛି ପ୍ରଜାଙ୍କୁ କଷ୍ଟ ଦେଇ ସ୍ୱକାର୍ଯ୍ୟ ସାଧନ କରିପାରନ୍ତି। ଦ୍ୱିତୀୟରେ ଦାନ ନୀତିରେ ଦାନ ଦେଇ ପ୍ରଶଂସା ଭାଜନ ହୋଇ ଦୀର୍ଘଦିନ ଧରି କୀର୍ତ୍ତିମାନ ହୋଇ ବହୁ ପ୍ରକାରେ ଶାସନ କରିଚାଲିବା ଏକ କୌଶଳ। ପ୍ରଜାଙ୍କ ମଧ୍ୟରେ ଦ୍ୱିଧା ସୃଷ୍ଟି କରି ଏହି ଦାନ ନୀତିକୁ ଚଳାଯାଏ। ତୃତୀୟ ଭେଦନୀତି ଏ ନୀତିରେ କୌଣସି ରାଜା ବିରୁଦ୍ଧଗୋଷ୍ଠୀକୁ ଅଲଗା ଅଲଗା କରି ନିର୍ବଳ କରିଦେବା ଏହି ନୀତିର ବିଶେଷ କୌଶଳ। ଚତୁର୍ଥ କ୍ଷମା ନୀତି - ରାଜା ବିରୁଦ୍ଧରେ ଅନେକ ପ୍ରଜାଯେ ନରହିବେ ଏମିତି ନୁହେଁ। ଅନେକ ରାଜକାନୁନ ଲଙ୍ଘନ କରି ରାଜଦଣ୍ଡରେ ଆସନ୍ତି ପୁଣି କିଛି ଲୋକଙ୍କୁ ମତାଇ କେହି ରାଜକାର୍ଯ୍ୟରେ ଗଣ୍ଡଗୋଳ କରାଇପାରନ୍ତି ପୁଣି କେହି ପ୍ରଜାଙ୍କୁ ଠକି ଚୋରି କରି ଭୟ ଦେଖାଇ, ଜାଲିଆତି କରି କେହି ବା ଏକ ଗୋଷ୍ଠୀ ରାଜକୁ ନଜରକୁ ଆସି ଦଣ୍ଡଭୋକ୍ତା ହୋଇଥାନ୍ତି। ରାଜା ଦଣ୍ଡଭୋକ୍ତାଙ୍କୁ କିଛି ଦଣ୍ଡ ପ୍ରାପ୍ତି ପରେ ରାଜକ୍ଷମା କରନ୍ତି ଏମିତି କିଛି ବଡ଼ ଦଣ୍ଡଭୋକ୍ତାର ଦଣ୍ଡକୁ ଲାଘବ କରିଥାନ୍ତି। ଏହା ପ୍ରଶାସନର ରାଜ କରିବା ମହିମା କ୍ଷମା ଗୁଣରୁ କୀର୍ତ୍ତିମାନ କରାଏ।

କଳିଯୁଗରେ କିଛି ହେଲେ ନିୟମରେ ନାହିଁ ପ୍ରଶାସନରେ ସ୍ଥାୟିତ୍ୱ ନାହିଁ। ଏକ ସ୍ଥାନରେ କୌଣସି ଦ୍ରବ୍ୟ ଅଭାବ ହେଲେ ଅନ୍ୟ ସ୍ଥାନରୁ ଆସି ଅଭାବ ଭରଣ ହେଉଛି। ଶରୀର ଶ୍ରମ ଠାରୁ ମସ୍ତିଷ୍କର ଶ୍ରମକୁ ପ୍ରାଧାନ୍ୟ ଦିଆଯାଉଛି। ଖାଦ୍ୟ ପଦାର୍ଥର ମୂଲ୍ୟ ଶସ୍ତା ମାତ୍ର ଅଳଙ୍କାରର ମୂଲ୍ୟ ବେଶୀ। ପୋଷାକର ମୂଲ୍ୟାୟନରୁ ସମ୍ଭ୍ରାନ୍ତ ଓ ହୀନ ବୁଝାପଡୁଛି। ଖରା, ବର୍ଷାରେ କାଦୁଅ ପାଣି କାମ କରୁଥିବା ବ୍ୟକ୍ତିର ଶସ୍ୟ ସମ୍ଭାର ସମସ୍ତଙ୍କର ଖାଦ୍ୟ ପାଇଁ ଲାଗୁଛି ହେଲେ ସେ ଶ୍ରମର ମଜୁରୀ କମ। ହେଲେ ବାତାନୁକୂଳ ଗୃହରେ ଗାଡ଼ିରେ ବାସ ବା ଗମନକାରୀର ସର୍ବଦା ଅଧିକ ମୂଲ୍ୟ। ସଂଖ୍ୟାଲଘୁ ଧାରା ତିଆରି ବେଳେ ଯେଉଁ ସୁଯୋଗ ତାଙ୍କୁ ସବୁ ଦିଆଯାଇଥିଲା ସମାଜ ଅବହେଳିତଙ୍କୁ ଯେଉଁ ସୁଯୋଗ ସବୁ କରାଯାଇଛି ତାହା ଯେ ବର୍ଷ ବର୍ଷ ପରେ ବଦଳିଯାଏ କଥା କୌଣସି ରାଜଶକ୍ତି ଚିନ୍ତା ନକରିବାରୁ ପୂର୍ବର ଉନ୍ନତସ୍ତର ବ୍ୟକ୍ତିମାନେ ଅବହେଳିତ ସ୍ତରକୁ ଆସି ଯାଉଛନ୍ତି।

ସର୍ବତ୍ର ମାୟା ରଚନା, ମିଥ୍ୟାବାଦୀ, ଜାଲିଆତି, ଅସୁର ଅସୁରୁଣୀ ମାୟାବୀ ବୋଲି କୁହାଯାଏ। ହୁଏତ ସେହିପଥରେ କଳିଯୁଗର ଲୋକ ମାନବ ଦେହରେ ବି ଅସୁର ଅସୁରୁଣି ଗୁଣ ବିଶିଷ୍ଟ ଆଳକରି ସମସ୍ତଙ୍କର ଆୟ। ଏ ଯୁଗ ଶେଷ ପରେ ସେହି ସତ୍ୟ ଯୁଗ ଆସିବା ଏ ଯୁଗର ଲୋକେ ଧରିନେଉଚନ୍ତି। ସତ୍ୟ ଯୁଗରେ ସତ ବି ସତରେ ନଥିଲା ତେବେ ବେଦ ଉଧାର ପାଇଁ ଭଗବାନ ଅବତାର କାହିଁକି ହୋଇଥାନ୍ତେ ? ତତ୍କାଳ ଦେଶରେ ସ୍ୱ ଶ୍ରମ ପାଇଁ କେହି ଚେଷ୍ଟା ନକରି ରାଜଧନ ଆଶ୍ରାରେ ରାଜ କରୁଣା ପ୍ରାପ୍ତି ପାଇଁ ଆଶାୟୀ ହେଲେ ରାଜଧନ ଅସାର ଖର୍ଚ୍ଚ କରି ଲୋକେ ଶ୍ରମପଥ ଭୁଲି ଯେଉଁ ଦରିଦ୍ରକୁ ସେହି ଦରିଦ୍ର। ଏ ପାଇଁ ନାନୋ ଥିଓରି ପ୍ରଚାରରେ ଭଗବାନ ବାମନ ଅବତାରରେ ଆସି ରାଜାବଳୀଙ୍କୁ ତିନିପାଦ ଭୂମି ମାଗି ସେହି ଦାନ ନୀତିକୁ ରଦ୍ଧ କରି ଲୋକଙ୍କୁ ଶ୍ରମ ବଳରେ ଓ ଅଳ୍ପ ଆବଶ୍ୟକରେ ବଞ୍ଚିବା ବାଟ କରିଥିଲେ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ମହିମାଗାଦିର ପ୍ରଭୁପୂର୍ଣ୍ଣିମା ଉତ୍ସବ



ପ୍ରେମାନନ୍ଦ ପାଣିଗ୍ରାହୀ


ପ୍ରତ୍ୟେକଟି ମଣିଷ ଶରୀରରେ ବ୍ରହ୍ମ ବିଦ୍ୟମାନର ବାର୍ତ୍ତା ପ୍ରଚାର କରେ ମହିମା ଧର୍ମ । ଯେତେବେଳେ ପାଶ୍ଚାତ୍ୟ ଧର୍ମ ସଂସ୍କୃତି ଭାରତରେ ନିଜର କାୟାବିସ୍ତାର କରୁଥିଲା ସେତେବେଳେ ମହିମା ଧର୍ମ ସତ୍ୟସନାତନ ଧର୍ମକୁ ଏହାର ପ୍ରଭାବରୁ ରକ୍ଷା କରିବାରେ ସହାୟକ ହୋଇପାରିଥିଲା । ଯୋଗେଶ୍ୱର ମହିମା ସ୍ୱାମୀ ଏହି ଧର୍ମର ପ୍ରାଣ ପ୍ରତିଷ୍ଠାତା। ସେ ଅଯୋନୀ ସମ୍ଭୁତ ଓ ଅଲେଖ ପ୍ରଭୁଙ୍କର ଅବତାର । ବୈଦିକ ଧର୍ମର ନିର୍ଗୁଣ, ନିଷ୍କାମ ମାର୍ଗ ହିଁ ଏହି ଧର୍ମର ନୀତି ନିୟମ। ମହିମା ଧର୍ମର ନୀତି ହେଲା - ପ୍ରାତଃ ସ୍ନାନ, ଉଦେଅସ୍ତେ ଦର୍ଶନ, ଗୋମୁତ୍ର ପାନ ଓ ଗୋମୟ ଲେପନ, ଗୌରିକ ବସ୍ତ୍ର ଧାରଣ ଓ ଦିବସେ ପାନ ଭୋଜନ। ମହିମା ଧର୍ମ ଶୂନ୍ୟବାଦକୁ ବିଶ୍ୱାସ କରେ। ଏଠାରେ ବିଶ୍ୱ ସ୍ରଷ୍ଟାଙ୍କୁ ପରଂବ୍ରହ୍ମ, ଅନାଦି, ଅଲେଖ, ଅଣାକାର, ଅବ୍ୟକ୍ତ, ନିରଞ୍ଜନ ଆଦି ନାମରେ ସ୍ତୁତି କରାଯାଏ । ସାଧୁ ଅତିଥି ବେଶରେ ଗ୍ରାମକୁ ଗ୍ରାମ ପଦବ୍ରଜରେ ଭ୍ରମଣ ପୂର୍ବକ ଭିକ୍ଷା ଗ୍ରହଣ କରି ଇଶ୍ୱର ଉପାସନାର ମାର୍ଗକୁ ମହିମା ସାଧୁମାନେ ଗ୍ରହଣ କରିଥାନ୍ତି । ଗୋଟିଏ ଗ୍ରାମରେ ଏକ ଦିନରୁ ଅଧିକ ଏବଂ ଗୋଟିଏ ଗୃହରେ ଥରକରୁ ଅଧିକ ଭିକ୍ଷା ଗ୍ରହଣ ନକରିବାକୁ ସାଧୁମାନେ ନିୟମ ଭାବରେ ପାଳନ କରିଥାନ୍ତି । ମହିମା ଧର୍ମଗନ୍ଥ ସିଦ୍ଧାନ୍ତ ଅନୁସାରେ ମହିମା ସ୍ୱାମୀ ପ୍ରଥମେ ଭାରତ ବର୍ଷର ହିମାଳୟରେ ଆର୍ବିଭୁତ ହୋଇ ଆତ୍ମ ଯୋଗ ସମାଧି କରିଥିଲେ। ସେ ୧୮୨୬ ମସିହାରେ ପୁଣ୍ୟ ଭୂମି ଉତ୍କଳର ଶ୍ରୀକ୍ଷେତ୍ର ପୁରୀ ବଡଦାଣ୍ଡରେ ପଦାର୍ପଣ କରି ଧୂଳିଆ ବାବା ନାମରେ ପରିଚିତ ହୋଇଥିଲେ । ମହିମା ସ୍ୱାମୀ ଶ୍ରୀକ୍ଷେତ୍ରରୁ ଆସି ଖଣ୍ଡଗିରି ଗୁମ୍ଫାରେ କିଛିକାଳ ଅବସ୍ଥାନ କରି ନିଷ୍କାମ ଲୀଳା ଖେଳା କରିଥିଲେ। ୧୮୩୮ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ଶିଖରରେ ପଦାର୍ପଣ କରି ୧୮୬୨ ମସିହା ପର୍ଯ୍ୟନ୍ତ ମହିମା ସ୍ୱାମୀ ଆତ୍ମଯୋଗ ସମାଧିରେ ବସି ସିଦ୍ଧିଲାଭ କରିଥିଲେ। ତା’ପରେ ପଦବ୍ରଜରେ ସମଗ୍ର ଓଡିଶା ଭୂଖଣ୍ଡ ପରିଭ୍ରମଣ କରି ସତ୍ୟ ମହିମା ଧର୍ମ ପ୍ରଚାର କଲେ। ଢେଙ୍କାନାଳ ଗଡ ଠାରୁ ଉତ୍ତରକୁ ୨୫ କି.ମି ଦୂର ଯୋରନ୍ଦା ଠାରେ ଟୁଙ୍ଗୀ ସ୍ଥାପନା କଲେ । ୧୮୭୫ ମସିହା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହିମା ସ୍ୱାମୀ ଯୋରନ୍ଦା ମହିମା ଗାଦିରେ ଧୂନି ସ୍ଥାପନା କରିବା ସହ ମହିମାମେଳା ଆରମ୍ଭ କରିଥିଲେ। ଚତୁର୍ଦ୍ଦଶୀ ତିଥି ସଂନ୍ଧ୍ୟାରୁ ପୂର୍ଣ୍ଣମୀ ତିଥି ପ୍ରତ୍ୟୁଷ ପର୍ଯ୍ୟନ୍ତ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଘୃତାହୁତି ଅର୍ପଣ କରିବା ସହ ବିଶ୍ୱବାସୀଙ୍କ ମଙ୍ଗଳ ବିଧାନ ପାଇଁ ପ୍ରାର୍ଥନା କରିଥିଲେ। ୧୮୬୨ରୁ ୧୮୭୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୪ ବର୍ଷ ମଧ୍ୟରେ ନିରାକାର ଅଲେଖ ପରଂବ୍ରହ୍ମଙ୍କ ମାହାତ୍ମ ପ୍ରଚାରରେ ମଗ୍ନ ରହି ୮୪ ଜଣ ଶିଷ୍ୟଙ୍କୁ କୌପନ୍ ବାନା ଓ ୯୧ ଜଣ ଶିଷ୍ୟଙ୍କୁ ବକ୍‌କଳ ବାନା ପରିଧାନ କରିବାକୁ ଦେଇଥିଲେ। ୧୮୭୬ ମସିହା ଫାଲ୍‌ଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀରେ ଯୋରନ୍ଦା ଟୁଙ୍ଗୀରେ ମହିମା ସ୍ୱାମୀ ଇହଲୀଳା ସମ୍ବରଣ କରିଥିଲେ। ମହିମା ଧର୍ମୀମାନେ ବିଶ୍ୱାସ କରନ୍ତି ଯେ ମହିମା ସ୍ୱାମୀ ନିଜର ଅଲୌକିକ ଲୀଳା ଖେଳା ମଧ୍ୟରେ ନିର୍ବାଣ ପ୍ରାପ୍ତ ହୋଇଥିଲେ। ନିର୍ବାଣର ଦୁଇଦିନ ପୂର୍ବରୁ ମହିମା ସ୍ୱାମୀ ପୂର୍ବାଭିମୁଖୀ ହୋଇ ଯୋଗାସନରେ ବସିଥିଲେ। ନିର୍ବାଣ ପ୍ରାପ୍ତି ଦିନ ହଠାତ୍ ତାଙ୍କ ଦେହ ତମ୍ବା ବର୍ଣ୍ଣ ଧାରଣ କଲା ଏବଂ ସେ ସ୍ୱଦେହରେ ପରଲୋକ ଗମନ କଲେ । ଭୂମି ଉପରେ ପଡି ରହିଥିବା ମହିମା ସ୍ୱାମୀଙ୍କର ବକ୍‌କଳ ବାନାକୁ ଶିଷ୍ୟମାନେ ଯୋରନ୍ଦା ଗ୍ରାମର ପୂର୍ବଦିଗରେ ସମାଧିସ୍ଥ କରି ଢେଙ୍କାନାଳର ରାଜାଙ୍କ ସହାୟତାରେ ସେସ୍ଥାନରେ ଶୂନ୍ୟମନ୍ଦିର ନିର୍ମାଣ କରିଥିଲେ।

ମେଳାର ନୀତିକ୍ରାନ୍ତି ;- ମହିମା ଧର୍ମର ପବିତ୍ର ଗୁରୁଧାମ ଭାବରେ ପରିଚିତ ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ମହିମାଗାଦି ଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରୁ ସାତ ଦିନ ଧରି ପାଳିତ ହେଉଥିବା ଗୁରୁ ପୂର୍ଣ୍ଣିମା ବା ପ୍ରଭୁ ପୂର୍ଣ୍ଣିମା ଉତ୍ସବ ଚଳିତ ବର୍ଷ ୧୫୦ ବର୍ଷରେ ପଦାର୍ପଣ କରିଛି। ଏହି ମେଳାରେ ଦେଶବିଦେଶରୁ ମହିମା ଧର୍ମ ସମାଜର ପରାପର ସନ୍ୟାସୀ, ବୈରାଗୀ, ଗୃହିଭକ୍ତ ଓ ଶ୍ରଦ୍ଧାଳୁ ସମବେତ ହୋଇଥାନ୍ତି। ମାଘଶୁକ୍ଳ ତ୍ରୟୋଦଶୀ ପାହାନ୍ତା ପ୍ରହରରୁ ମହିମା ମେଳା ଆରମ୍ଭ ହୁଏ। ଏହାକୁ ବେଢା ପରିକ୍ରମା କୁହାଯାଏ। ପ୍ରାତଃ ବ୍ରାହ୍ମ ମୁହୁର୍ତ୍ତରେ ସାଧୁମାନେ ସତର୍କ ଘଣ୍ଟି ବଜାଇବା ପରେ ନୀତି ନିଯୁକ୍ତ ସାଧୁମାନେ ମହିମା ଗାଦିର ସମସ୍ତ ଉପାସନା ପୀଠ ଗୁଡିକରେ ସ୍ୱତନ୍ତ୍ର ନୀତି ଆରମ୍ଭ କରନ୍ତି। ମାହାଳମୂଳ ଆଶ୍ରମ କୂଅରୁ ରୂପା ଗରାରେ ପାଣି ଅଣାଯାଇ ମନ୍ଦିର ଚାରିପାଖକୁ ଧୋଇବା ପରେ ସୁନା ଗିନାରେ ଥିବା ଶ୍ୱେତଚନ୍ଦନ, ଶ୍ରୀକର୍ପୁର, ଅଗୁର ଆଦି ସିଞ୍ଚନ କରାଯାଇ ଛେରା ପହଁରା କରାଯାଏ । ଷାଠିଏ ଜଣ ସାଧୁ ଷାଠିଏ ରୂପା ଚାମରରେ ମହିମା ସ୍ୱାମୀଙ୍କୁ ଚାମର ସେବା କରନ୍ତି। ଗାଦି ମନ୍ଦିରସ୍ଥ ଅମୁଣିଆ ମଣ୍ଡପରେ ଅମୁଣିଆ ପ୍ରସାଦ ଶୂନ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯିବା ପରେ ଏହାକୁ ସାଧାରଣ ଭକ୍ତଙ୍କୁ ବଣ୍ଟନ କରାଯାଏ । ମଧ୍ୟାହ୍ନରେ ମଧ୍ୟାହ୍ନ ନୀତି ଓ ଅପରାହ୍ନରେ ତ୍ରିସଂନ୍ଧ୍ୟା ପୂଜା ସମୟରେ ସମାନ ସେବା ନୀତି କରାଯାଏ। ଗାଦିପୀଠରେ ବିଭିନ୍ନ ନୀତି କ୍ରାନ୍ତିରେ ବ୍ୟବହୃତ ମୂଲ୍ୟବାନ ସାଜ ସଂରଞ୍ଜାମ ଯଥା ସୁନା ଓ ରୂପାର ଛତ୍ରୀ, ଆଢେଣି, ତରାସ, ସୁନା ଓ ରୂପାର ଝାଡୁ, ଥାଳି , ଗିନା ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ଭକ୍ତଙ୍କ ଦର୍ଶନ ନିମନ୍ତେ କଡା ସୁରକ୍ଷା ବଳୟରେ ନୀତି ମନ୍ଦିରରୁ ଅଣାଯାଇ ଗାଦି ମନ୍ଦିର ବେଢାର ପୂର୍ବ ଦିଗରେ ରଖାଯାଇ ଭକ୍ତମାନଙ୍କୁ ପ୍ରଦର୍ଶନ କରାଯାଏ । ସଂନ୍ଧ୍ୟାବେଳେ ମନ୍ଦିର ଦ୍ୱାରଦେଶରେ ପ୍ରଜ୍ୱଳିତ ହୁଏ ଝାଡ ଦୀପ । ଗାଦି ମନ୍ଦିରରେ ବକ୍କଳଧାରୀ ମହିମା ସମାଜ ଓ ଅଖଣ୍ଡଜ୍ୟୋତି ମନ୍ଦିରରେ କୌପୀନଧାରୀ ମହିମା ସମାଜ ଝାଡରେ ଅଗ୍ନି ସଂଯୋଗ କରିଥାନ୍ତି । ଶୂନ୍ୟମନ୍ଦିର, ବତୀ ମନ୍ଦିର,ଧୂନି ମନ୍ଦିର,ଏକୋଇଶି ହାତିଆ ମନ୍ଦିର,ସ୍ମୃତି ମନ୍ଦିର ଆଦି ମହିମାଗାଦିର ଉପାସନା ପୀଠ ଗୁଡିକରେ ଝାଡ ଦୀପ ପ୍ରଜ୍ୱଳନ କରାଯାଇଥାଏ। ଧୂନି ମନ୍ଦିରରେ ପ୍ରଜ୍ୱଳିତ ହେଉଥିବା ଧୂନିରେ ଘୃତ ଅର୍ପଣ କରାଯାଏ। ମହିମା ଗୋସାଇଁ ପ୍ରତିଷ୍ଠା କରିଥିବା କାଠ ଧୂନି ଏଠାରେ ଆଜିବି ଜଳୁଛି। ଏହି ଧୂନି ପାଉଁଶକୁ “ବ୍ରହ୍ମ ବିଭୂତି” ଭାବେ ଶ୍ରଦ୍ଧାଳୁମାନେ ଗ୍ରହଣ କରିବା ସହ ସଯତ୍ନରେ ସାଇତି ରଖିଥାନ୍ତି। ଶ୍ରଦ୍ଧାଳୁମାନେ ଝାଡଦୀପ ପ୍ରଜ୍ୱଳନ ଦୃଶ୍ୟ ଦର୍ଶନ ସହ ସାଧୁସନ୍ଥଙ୍କ ସାନ୍ନିଧ୍ୟ ଲାଭ କରିଥାନ୍ତି । ଭୀମଭୋଇଙ୍କ ରଚିତ - “ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।” ଏହି ମହାବାଣୀକୁ ସ୍ମରଣ କରି ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମହିମା ସାଧୁମାନେ ଘୃତାହୁତି ପ୍ରଦାନ କରିଥାନ୍ତି । ଶ୍ରଦ୍ଧାଳୁ ଭକ୍ତମାନେ ଯେଉଁ ଘୃତ ଦାନ କରିଥାନ୍ତି ତାହା ବଡ ବଡ ପିତଳ ହଣ୍ଡାରେ ସଂଗୃହିତ ହୋଇ ରଖାଯାଇଥାଏ ଏବଂ ସେଥିରୁ ବଡ ଡଙ୍କି ଦ୍ୱାରା ଘୃତ ଆହୋରଣ କରି ଅଖଣ୍ଡ ଧ୍ୱନି ଓ ପ୍ରଜ୍ୱଳିତ ପ୍ରଦୀପରେ ମହିମା ସାଧୁମାନେ ପ୍ରଦାନ କରିଥାନ୍ତି। ସାରାରାତି ପ୍ରଜ୍ୱଳିତ ହୁଏ ଏହି ଝାଡଦୀପ। ଏଥିରୁ ଉଦ୍‌ବେଳିତ ଆଲୋକ ଅଜ୍ଞାନ ଅନ୍ଧକାର ବିରୁଦ୍ଧରେ ଅଭିପ୍ରେତ ବୋଲି ମହିମା ଭକ୍ତମାନେ ବିଶ୍ୱାସ କରନ୍ତି । ଅଜ୍ଞାନ ତମସା ଦୂର ପାଇଁ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ ଏହି ଉତ୍ସବକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରି ଗଢି ତୋଳିଥାଏ । ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଠାରୁ ଆରମ୍ଭ ହୋଇଥିବା ଯୋରନ୍ଦା ମେଳାର ଦ୍ୱିତୀୟ ଦିବସକୁ ଦେଶ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । ସନ୍ୟାସୀମାନେ ଦେଶପୂର୍ଣ୍ଣିମା ଉପଲକ୍ଷେ ଜଗତ ଓ ଭଗତଙ୍କ ମଙ୍ଗଳ କାମନା କରି ଝାଡ ପ୍ରଜ୍ୱଳନ କରିଥାନ୍ତି ଓ ଘୃତାହୁତି ପ୍ରଦାନ କରନ୍ତି । ଶ୍ରଦ୍ଧାଳୁମାନେ ପୂଣ୍ୟ ଦାୟକ ଝାଡ ଦୀପ ପ୍ରଜ୍ୱଳନ ଦୃଶ୍ୟ ଦର୍ଶନ କରିବା ସହିତ ସାଧୁ ସନ୍ଥଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ମହିମା ଭଜନ, ଜଣାଣ, ଖଞ୍ଜଣି ମାଡରେ ପ୍ରକମ୍ପିତ ହୁଏ ମହିମା ଗାଦି । ଅନେକ ନିଜର ପିଲାମାନଙ୍କୁ ସନ୍ୟାସୀଙ୍କୁ ଦାନ କରିବା ଓ ସନ୍ୟାସୀଙ୍କ ଠାରୁ ସନ୍ତାନଙ୍କୁ ଗ୍ରହଣ କରିଥାନ୍ତି । ଧୂନି ଏବଂ ଅଖଣ୍ଡ ବତୀକୁ ମହିମା ଧର୍ମୀମାନେ ଅତି ପବିତ୍ର ବସ୍ତୁଭାବେ ଗ୍ରହଣ କରିଥାନ୍ତି । ଯୋରନ୍ଦା ମେଳାର ମେଳାର ତୃତୀୟ ଦିବସର ନୀତିକ୍ରାନ୍ତି ପୂର୍ବ ଦୁଇ ଦିନ ଠାରୁ ଭିନ୍ନ । ପ୍ରଥମ ଓ ଦ୍ୱିତୀୟ ଦିନ ଅର୍ଥାତ ବାବା ପୂର୍ଣ୍ଣିମା ଓ ଦେଶ ପୂର୍ଣ୍ଣିମାରେ ଗାଦି ମନ୍ଦିର ଚତୁଃପାର୍ଶ୍ୱରେ ଝାଡଦୀପ ପ୍ରଜ୍ୱଳନ କରାଯାଇ ମହଣ ମହଣ ଘୃତାହୁତି କରାଯାଇଥିବା ବେଳେ ତୃତୀୟ ଦିନରେ କେବଳ ପଶ୍ଚିମ ଦିଗର ଝାଡରେ ହିଁ ଘୃତାହୁତି କରାଯାଇଥାଏ। ତିନିଦିନ ପୂର୍ବରୁ ଭଣ୍ଡାର ଘରୁ ପୂଜା ଓ ସାଧାରଣ ଦର୍ଶନ ପାଇଁ ଅଣାଯାଇଥିବା ସାଜସରଞ୍ଜାମ ଓ ଅଳଙ୍କାରଗୁଡିକୁ ସନ୍ଧ୍ୟାରେ ଫେରାଇ ନିଆଯାଇ ମାଘନୀତି ସମ୍ପନ୍ନ ହୁଏ।

*ଭୁଷଳ, ଭୁବନ, ଢେଙ୍କାନାଳ*







ଓରମାସ୍ ଓ ମିଶନ ଶକ୍ତିର ମିଳିତ ମିଶନ

# ଓଡ଼ିଶାର ‘ଶିଆଳି ଥାଳି’ରେ ଖାଇବ ଦିଲ୍ଲୀ

**ଭୁବନେଶ୍ୱର :** ଓଡ଼ିଶାର ଶିଆଳି ପତ୍ରର ପ୍ଲେଟ୍ ଯିବ ଦିଲ୍ଲୀ। ଦିଲ୍ଲୀର ବିଭିନ୍ନ ବଡବଡ଼ ହୋଟେଲ, ଟିଫିନ୍ ଷ୍ଟଲରେ ଶିଆଳିପତ୍ର ଥାଳି ଓ ଦନାରେ ଖାଇବା ବଢ଼ାଯିବ। ଓରମାସ୍ ଓ ମିଶନଶକ୍ତି ପକ୍ଷରୁ ମିଳିତ ଉଦ୍ୟମ ସଫଳତା ଆଣିଛି। ଦିଲ୍ଲୀର ଏକ ଘରୋଇ ସଂସ୍ଥା ଓଡ଼ିଶାର ଶିଆଳି ପତ୍ର ପ୍ଲେଟ୍ ନେବ। ଓଡ଼ିଶାରେ ୮ଜିଲ୍ଲାରେ ଶିଆଳି ପତ୍ରରୁ ପ୍ଲେଟ୍ ଓ ଦନା ପ୍ରସ୍ତୁତ କରାଯାଉଛି। ମିଶନ୍‌ଶକ୍ତି ଅଧୀନରେ ୧୨ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଶିଆଳି ପତ୍ର ପ୍ଲେଟ ତିଆରି କରୁଛନ୍ତି। ମହିଳାମାନେ ଜଙ୍ଗଲରୁ ଶିଆଳିପତ୍ର ଆଣି ପ୍ଲେଟ୍ ପ୍ରସ୍ତୁତ କରୁଛନ୍ତି। ଓର୍ମାସ ପକ୍ଷରୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ଶିଆଳି ପତ୍ର ଓ ପ୍ଲେଟ୍ର ମାର୍କେଟିଂ ବ୍ୟବସ୍ଥା କରାଯାଇ ସ୍ୱାବଲମ୍ବୀ କରାଯିବ। ହାତ ତିଆରି ସିଲେଇ ଶିଆଳି ପତ୍ର ପ୍ଲେଟ୍‌କୁ ସେହି ଏଜେନ୍ସି କିଣି ନେବା ପାଇଁ ଓର୍ମାସ୍ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ମେସିନ୍ ସିଲେଇ ନୁହେଁ, ଦେଶୀ ଉପାୟରେ ସିଲେଇ କରି ପ୍ରସ୍ତୁତ କରାଯାଇଥିବା ଶିଆଳି ପତ୍ର ପ୍ଲେଟ୍ ବାହାର ରାଜ୍ୟକୁ ଯିବ। ଅଧିକ ଶିଆଳି ପତ୍ର ପ୍ଲେଟ୍ ଉତ୍ପାଦିତ ହେଉଥିବା ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ରପ୍ତାନୀ କରାଯିବ। ବିଶେଷକରି ପ୍ରଥମ କରି ବୌଦ୍ଧ ଓ ଦେବଗଡ଼ର ମହିଳା ଉତ୍ପାଦକ ଗୋଷ୍ଠୀଙ୍କଠାରୁ ଏହି ସଂସ୍ଥା ଶିଆଳି ପ୍ଲେଟ୍ କିଣି ନେବେ। ପ୍ରତି ପ୍ଲେଟକୁ ୧ଟଙ୍କା ହିସାବରେ ସେମାନେ ଲକ୍ଷାଧିକ ପ୍ଲେଟ୍ ନେବେ ବୋଲି ଆଲୋଚନା ହୋଇଛି। କେବଳ ସ୍ଥାନୀୟ ବଜାରରେ ବିକ୍ରି ହେଉଥିବା ଶିଆଳି ପ୍ଲେଟ ରାଜ୍ୟ ବାହାରକୁ ଯାଇ ବିକ୍ରି ହେବ। ବୌଦ୍ଧ, ଦେବଗଡ଼, କନ୍ଧମାଳ ଜିଲ୍ଲାରେ ଅଧିକ ଶିଆଳି ପତ୍ର ପ୍ଲେଟ୍ ଉତ୍ପାଦିତ ହେଉଥିବାବେଳେ ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀର ମା’ମାନେ ଶିଆଳି ପତ୍ରରୁ ହାତ ସିଲେଇ ପ୍ଲେଟ୍ ପ୍ରସ୍ତୁତ କରୁଛନ୍ତି। ମହିଳମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଓର୍ମାସ ପକ୍ଷରୁ ପଦକ୍ଷେପ ନିଆଯାଉଛି।



ବର୍ଷକୁ ଋତୁ ଅନୁଯାୟୀ ୨-୩ମାସ କେବଳ ଏହି ଶିଆଳି ପତ୍ର ହେଉଥିବାରୁ ମା’ମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ପାଇଁ ପ୍ରୟାସ କରାଯାଇଛି। ଏଥିରେ ମହିଳା ଉତ୍ପାଦକ କମ୍ପାନୀ ଓ ମହିଳା ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଏହିସବୁ ପ୍ଲେଟ୍ ତିଆରି କରି ଏଜେନ୍ସିକୁ ଦେବେ। ଏଜେନ୍ସିର ଆବଶ୍ୟକତା ଅନୁସାରେ ପ୍ଲେଟ୍‌କୁ ମହିଳାମାନେ ସିଧାସଳଖ ଯୋଗାଇବେ। ଏଥିପାଇଁ ମା’ମାନଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ଏହା ଦ୍ୱାରା ମହିଳାମାନେ ସାମାଜିକ ଓ ଅର୍ଥନୈତିକସ୍ତରରେ ସ୍ୱାବଲମ୍ବୀ ହୋଇପାରିବେ। ମାର୍ଚ୍ଚ ସୁଦ୍ଧା ଏହି ଶିଆଳି ପ୍ଲେଟ୍‌କୁ ଦିଲ୍ଲୀକୁ ପଠାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଜିଲ୍ଲାର ଏସ୍‌ଏଚ୍‌ଜିଙ୍କଠାରୁ ଶିଆଳି ପ୍ଲେଟ୍ ଯୋଗାଣର ବ୍ୟବସ୍ଥା କରାଯିବ। ବଜାରକୁ ଆଧାରକରି ଦର ନିର୍ଦ୍ଧାରଣରେ ଓରମାସ ସହଯୋଗ କରିବ। ଏହି ଏଜେନ୍ସି ବିଭିନ୍ନ ସ୍ଥାନରେ ହୋଟେଲ, ଟିଫିନ୍ ଷ୍ଟଲ ଆଦିରେ ଏହାର ବ୍ୟବହାର ପାଇଁ ପଠାଯିବ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଓର୍ମାସ ସହିତ ଆଲୋଚନା ହୋଇଥିବା ସୂଚନା ମିଳିଛି। ଓଡ଼ିଶାର ଶିଆଳି ପତ୍ର ପ୍ଲେଟ୍ ଓ ଦନା ମାର୍କେଟିଂ କରିବାରେ ଓରମାସ ହେଉଛି ପ୍ରଥମ ଅନୁଷ୍ଠାନଭାବେ କାର୍ଯ୍ୟ କରୁଛି। ଲୋକେ ଧୀରେ ଧୀରେ ଇକୋ ଫ୍ରେଣ୍ଡଲି ସାମଗ୍ରୀକୁ ଆପଣାଉଥିବାବେଳେ ଓଡ଼ିଶାର ଶିଆଳି ପ୍ଲେଟ୍ର ଚାହିଦା ବାହାର ରାଜ୍ୟରେ ରହିଛି। ଓରମାସ ପକ୍ଷରୁ ବଜାର ବ୍ୟବସ୍ଥା ସହ ନୂଆ ଢାଞ୍ଚାରେ ପ୍ଲେଟ୍ ପ୍ରସ୍ତୁତ ତାଲିମ ମଧ୍ୟ ଦିଆଯାଇଛି। ପୂର୍ବରୁ ନବରଙ୍ଗପୁର ଜିଲ୍ଲାରୁ ହାଇଦ୍ରାବାଦ୍‌କୁ ଶିଆଳି ପତ୍ର ପଠାଯାଉଥିଲା। ମା’ମାନଙ୍କୁ ମିଶନ୍ ଶକ୍ତି ଓ ଓରମାସ ମାଧ୍ୟମରେ ସଶକ୍ତ କରିବା ସହ ସେମାନଙ୍କ ରୋଜଗାରକୁ ବଢ଼ାଇବା ପାଇଁ ପ୍ରୟାସ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଓରମାସ ପକ୍ଷରୁ ଏହି ଘରୋଇ ସଂସ୍ଥା ସହିତ ଆଲୋଚନାରେ ସିଇଓ ଗୁହା ପୁନମ୍ ତାପସ କୁମାରଙ୍କ ସମେତ ଅନ୍ୟ ଅଧିକାରୀ ଓ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।



## ଜିଲ୍ଲା ଜଜ୍ ସମ୍ମିଳନୀ-୨୦୨୩ ଉଦ୍‌ଘାଟିତ

# ଓଡିଶା ଜୁଡିସିଆରୀକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱ




**କଟକ:** କୋର୍ଟରେ ମାମଲା ସଂଖ୍ୟା ଯେଉଁ ଅନୁପାତରେ ବଢୁଛି, ସମାଧାନ ପ୍ରକ୍ରିୟା ମଧ୍ୟ ପୂର୍ବ ତୁଳନାରେ ଅଧିକ ତ୍ୱରାନ୍ୱିତ ହୋଇଛି। ଓଡିଶା ହାଇକୋର୍ଟ ମଧ୍ୟ ମାମଲା ସମାଧାନ କରିବାରେ ଶୀଘ୍ରତା ଆଣି ପାରିଛି। ୨୦୨୧ ତୁଳନାରେ ୨୦୨୨ରେ କେସ୍ ଫଇସଲା ୨୯.୮୬ ପ୍ରତିଶତ ବୃଦ୍ଧି ପାଇଥିବା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର କହିଛନ୍ତି। ହାଇକୋର୍ଟରେ ୨୦୨୧ ମସିହାରେ ୧ ଲକ୍ଷ ୫ ହଜାର ୧୮୨ଟି ମାମଲାର ଶୁଣାଣି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୨୦୨୨ରେ ୧ ଲକ୍ଷ ୩୬ ହଜାର ୫୯୯ ଟି ମାମଲାର ଶୁଣାଣି ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟସ୍ତରୀୟ ଦୁଇ ଦିନିଆ ଜିଲ୍ଲା ଜଜ୍ ସମ୍ମିଳନୀ ଓଡିଶା ଜୁଡିସିଆଲ ଏକାଡେମୀର ଉଦ୍ଘାଟିତ ଉତ୍ସବରେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ଏହା କହିଛନ୍ତି। ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା ଜଜ ଏବଂ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୋଗ ଦେଇଥିଲେ। ଜିଲ୍ଲା ଅଦାଲତ ସ୍ତରରେ କିଭଳି ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ, ବିଚାର ବ୍ୟବସ୍ଥାରେ ଅତ୍ୟାଧୁନିକ ବୈଷୟିକ ସୁବିଧା କିଭଳି ବ୍ୟବହାର କରାଯାଇପାରିବ, ବାର ବେଞ୍ଚ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୁଇ ଦିନ ଧରି ଆଲୋଚନା ହେବ। ଏହି ଉତ୍ସବରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର ଯୋଗଦେଇ ଜିଲ୍ଲା ଜଜ୍ ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ଏବଂ ଓଡିଶା ଜୁଡିସିଆରୀ କିଭଳି ଆହୁରି ସୁଦୃଢ଼ କରାଯାଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି ଏବଂ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର କହିଥିଲେ, ଜିଲ୍ଲା ଅଦାଲତଗୁଡିକରେ ମଧ୍ୟ ମାମଲା ଶୁଣାଣି ପ୍ରକ୍ରିୟା ତ୍ୱରିତ ବେଗରେ କରାଯାଉଛି। ୨୦୨୧ ମସିହାରେ ରାଜ୍ୟର ସମସ୍ତ ଜିଲ୍ଲା ଅଦାଲତ ଗୁଡିକରେ ୨ଲକ୍ଷ ୩୮ ହଜାର ୫୮୮ଟି ମାମଲାର ଶୁଣାଣି ପ୍ରକ୍ରିୟା ଶେଷ କରାଯାଇଥିବା ବେଳେ ୨୦୨୨ ମସିହାରେ ୫ ଲକ୍ଷ ୧୫ ହଜାର ୩୯୨ ମାମଲାର ଫଇସଲା ହୋଇଛି। ଯାହାର ସିସିଆର ୯୩.୨୦ ପ୍ରତିଶତ ରହିଛି। କେବଳ ସେତିକି ନୁହେଁ, ଜିଲ୍ଲା ଅଦାଲତଗୁଡିକରେ କିଭଳି ମାମଲାର ତ୍ୱରିତ ବିଚାର କରାଯିବ ସେନେଇ ହାଇକୋର୍ଟ ସର୍ବୋତ୍ତମ ପ୍ରଦର୍ଶନ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଭଲ ପ୍ରଦର୍ଶନ କରିଥିବା ଅଦାଲତଗୁଡିକୁ ପୁରସ୍କୃତ କରାଯାଉଛି। ଏହି କ୍ରମରେ ରାଜ୍ୟର ୩ଟି ଜିଲ୍ଲା ବଲାଙ୍ଗୀର, ନୟାଗଡ଼ ଏବଂ ଦେଓଗଡ଼ ଯଥାକ୍ରମେ ଇ, ଈ ଏବଂ ଉ ଜୋନ୍‌ରେ ପୁରସ୍କୃତ କରାଯାଇଛି।

## ଗୁଣୁପୁର-ଥେରୁବାଲି ରେଳ ଲିଙ୍କ୍‌କୁ ପୁଣି ଉପେକ୍ଷା

# ରାଜ୍ୟର ଦାବି ଥିଲା ୩୦୦ କୋଟି, ଦେଲେ ୫୦ କୋଟି

**ଭୁବନେଶ୍ୱର :** ଦକ୍ଷିଣ ଓଡ଼ିଶାକୁ ଉପକୂଳ ଓଡ଼ିଶା ଏବଂ ଦେଶର ଅନ୍ୟ ପ୍ରାନ୍ତ ସହିତ ଯୋଡ଼ିବା ପାଇଁ ନୂଆପଡ଼ା-ଗୁଣୁପୁର ଲାଇନ୍‌କୁ ଥେରୁବାଲି ପର୍ଯ୍ୟନ୍ତ (୭୯.୧୫ କିମି) ଯୋଡ଼ିବା ଦାବି ଦୀର୍ଘ ଦିନ ହେଲା ହୋଇ ଆସୁଛି। ରାଜ୍ୟ ସରକାର ମଧ୍ୟ ଏହି ପ୍ରକଳ୍ପ ପାଇଁ ରେଳ ମନ୍ତ୍ରାଳୟକୁ ଏଥର ସୁପାରିଶ କରିଥିଲେ; କିନ୍ତୁ ରେଳ ବଜେଟ ପୁଣି ଥରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଅଣଦେଖା କରିଛି। ଏପରିକି ଉକ୍ତ ପ୍ରକଳ୍ପ ଏପର୍ଯ୍ୟନ୍ତ ବିଧିବଦ୍ଧ ମଞ୍ଜୁରୀ ମିଳି ନ ଥିବା ଜଣାପଡ଼ିଛି। ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ବିଳମ୍ବିତ କରି ଓଡ଼ିଶାର ଅନୁସୂଚିତ ଜନଜାତି ବହୁଳ ଅଞ୍ଚଳକୁ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପ ପାଇଁ ଚଳିତ ବଜେଟରେ ୩୦୦ କୋଟି ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଦାବି କରିଥିଲେ। ମାତ୍ର ରେଳବାଇ ଦେଲା ମାତ୍ର ୫୦ କୋଟି। ଗତ ଆର୍ଥିକ ବର୍ଷରେ ରେଳବାଇ ଏହି ପ୍ରକଳ୍ପକୁ ମାତ୍ର ୧୦ କୋଟି ଟଙ୍କା ଦେଇଥିଲେ। ୨୦୧୭-୧୮ ବଜେଟରେ ଏହି ପ୍ରକଳ୍ପକୁ ରେଳ ବଜେଟରେ ସ୍ଥାନ ମିଳିଥିଲା। ଗୁଣୁପୁରରୁ ଥେରୁବାଲିକୁ ରେଳ ଲାଇନ୍ ବିଛାଗଲେ ରାୟଗଡ଼ା, ଗଜପତି ଆଦି ଜିଲ୍ଲାର ଲୋକେ ବ୍ରହ୍ମପୁର ଓ ଭୁବନେଶ୍ୱର ସହଜରେ ଯା ଆସ କରିପାରିବେ। ଏପରିକି ରାୟଗଡ଼ା ଓ କୋରାପୁଟ ଶିଳ୍ପାଞ୍ଚଳରୁ ଗୋପାଳପୁର ବନ୍ଦର ମଧ୍ୟରେ ପଣ୍ୟ ପରିବହନ ମଧ୍ୟ ସୁଗମ ହୋଇ ପାରିବ। ରେଳମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକଳ୍ପକୁ ଗୁରୁତ୍ୱ ଦେଇଥିଲେ। ଆଶାଥିଲା ତାଙ୍କ ଅମଳରେ ଏହି ପ୍ରକଳ୍ପ ଆଗକୁ ଯିବ। କିନ୍ତୁ ଗତ ଦୁଇଟି ବଜେଟରେ ଗୁଣୁପୁର-ଥେରୁବାଲି ରେଳ ଲିଙ୍କ୍ ପ୍ରକଳ୍ପ ଅବହେଳିତ ହୋଇରହିଛି। ଥେରୁବାଲି ଓ ଗୁଣୁପୁର ମଧ୍ୟରେ ରେଳ ସଂଯୋଗ ହୋଇ ନଥିବାରୁ କଟକ, ଭୁବନେଶ୍ୱର କିମ୍ବା



ବ୍ରହ୍ମପୁର ଆସୁଥିବା ଲୋକେ ଟିଟିଲାଗଡ଼ରୁ ଭାୟା ବିଜୟନଗରମ୍ ଦେଇ ଯା ଆସ କରିବାକୁ ବାଧ୍ୟ ହେଉଛନ୍ତି। ଅଯଥାରେ ସମୟର ଅପଚୟ ହେଉଛି, ଲୋକେ ସମସ୍ୟା ଭୋଗୁଛନ୍ତି। ତେଣୁ ଥେରୁବାଲି ପର୍ଯ୍ୟନ୍ତ ଲାଇନ୍ ସମ୍ପ୍ରସାରଣ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। ଗତବର୍ଷ ବଜେଟ ଅଧିବେସନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ କହିଥିଲେ ଯେ ଗୁଣୁପୁର-ଥେରୁବାଲି ସଂଯୋଗ ପ୍ରକଳ୍ପ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ଏହି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇ ଦେବେ ବୋଲି ରେଳମନ୍ତ୍ରୀ ପ୍ରକାଶ କରିଥିଲେ। ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ଅନୁସାରେ ପ୍ରକଳ୍ପ ପାଇଁ ୧୩୯୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଯାତ୍ରୀ ସୁବିଧା ସହିତ ପଣ୍ୟ ପରିବହନ ତ୍ୱରାନ୍ୱିତ ହୋଇପାରିବ। ଏଥିସହ ପର୍ଯ୍ୟଟନ କ୍ଷେତ୍ରର ବିକାଶରେ ଏହି ରେଳ ଲାଇନ୍ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇପାରିବ। ଚନ୍ଦ୍ରଗିରି ସ୍ଥିତ ବୌଦ୍ଧ ସ୍ଥଳ, ମହେନ୍ଦ୍ରଗିରି ପର୍ବତ, ଗଣ୍ଡାହାତୀ ସମେତ ନିକଟରେ ଥିବା ଅନେକ ଜଳପ୍ରପାତ ଏବଂ ଐତିହାସିକ ସ୍ଥାନ ବୁଲିବାର ସୁଯୋଗ ପାଇବେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଉତ୍ପାଦିତ କୃଷି ଜାତ ଦ୍ରବ୍ୟ ବାହାରକୁ ପରିବହନ କରିବା ସମ୍ଭବ ହେବ। ଦକ୍ଷିଣ ଓଡ଼ିଶାର ଲୋକେ ମେଡିକାଲ ଏବଂ ଅନ୍ୟ କାମରେ ଭୁବନେଶ୍ୱର ଯାଇ ସଂଧ୍ୟାରେ ପ୍ରତ୍ୟାବର୍ତ୍ତନ କରିପାରିବେ। କିନ୍ତୁ ରେଳବାଇ ଏହି ପ୍ରକଳ୍ପକୁ ବର୍ଷ ବର୍ଷ ଧରି ଗଡ଼ାଇ ରଖିବାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି।


## ଦାବି ପୂରଣ କଲେ ମୁଖ୍ୟମନ୍ତ୍ରୀ

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ ହେଲା ପାଇକମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

**ଭୁବନେଶ୍ୱର:** ବରଗଡ଼ ଜିଲ୍ଲା ପାଇକମାଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ଉନ୍ନୀତ କରାଯାଇଛି। ପାଇକମାଳ ଅଞ୍ଚଳର ଜନସାଧାରଣଙ୍କ ବହୁ ଦିନର ଦାବି ପୂରଣ ହୋଇଛି। ପଦ୍ମପୁର ପାଇଁ ଗତ ଉପନିର୍ବାଚନ ସମୟରେ ପାଇକମାଳର ଜନତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପାଇକମାଳରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରିଥିଲେ। ସ୍ଥାନୀୟ ଲୋକଙ୍କର ଦାବି ମୁତାବକ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବିକୁ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ସେଠାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆହୁରି ଉନ୍ନତି ହେବା ସହିତ ଜନସାଧାରଣଙ୍କୁ ଅଧିକ୍ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଅଧିକ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତ ହେବେ। ସୂଚନାଯୋଗ୍ୟ, ବରଗଡ଼ ଜିଲ୍ଲା ପାଇକମାଳର ଜନସାଧାରଣ ସେହି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ଦୀର୍ଘ ଦିନ ହେଲା ଦାବି କରିଆସୁଥିଲେ। ସେମାନଙ୍କର ଦାବିକୁ ଏବେ ମୁଖ୍ୟମନ୍ତ୍ରୀ ପୂରା କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି।

# ସାପକାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ବଢୁଛି

**ଭୁବନେଶ୍ୱର :** ହସ୍ପିଟାଲରେ 'ଗୋଲଡେନ ଆୱାର' ବା ଗୋଟିଏ ଘଣ୍ଟା ମଧ୍ୟରେ ପହଞ୍ଚିପାରୁନାହାନ୍ତି ସାପକାମୁଡ଼ା ରୋଗୀ। ଗାଁ ଗଣ୍ଡାରେ ଗୁଣିଆ ଓ କ୍ୱାକ୍ମାନଙ୍କ ପ୍ରଭାବ ବିସ୍ତାର ଯୋଗୁଁ ସାପକାମୁଡ଼ା ରୋଗୀଙ୍କୁ ହସ୍ପିଟାଲ ଆଣିବା ପରିବର୍ତ୍ତେ ଏମାନଙ୍କ ପାଖରେ ସମୟ ନଷ୍ଟ କରୁଛନ୍ତି। ଯାହାଦ୍ୱାରା ସର୍ପାଘାତ ରୋଗୀଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏଭଳି ପନ୍ଥା ଆପଣାଉଥିବା ମାମଲାରେ ଅଧିକାଂଶ ଜୀବନ ଯାଉଥିବା ବେଳେ ବହୁ ଲୋକଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇଯାଉଛି। ରାଜ୍ୟରେ ଏଭଳି ଘଟଣା ଗୁରୁତର ଭାବେ ବଢୁଥିବା ଯୋଗୁଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ (ଓସଡମା)ପାଇଁ ବଡ଼ ଆହ୍ୱାନ ସୃଷ୍ଟି ହୋଇଛି। କାରଣ ଗତ ୨୦୧୫-୨୦୨୨ ମଧ୍ୟରେ ରାଜ୍ୟରେ ୬ ହଜାର ୩୫୧ ଜଣଙ୍କର ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୧୫ ମସିହାରେ ରାଜ୍ୟରେ ୫୨୨ ଜଣଙ୍କର ସାପ କାମୁଡ଼ା ଜନିତ ମୃତ୍ୟୁ ରେକର୍ଡ ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ଦୁଇଗୁଣା ବଢ଼ି ୧୧୫୯ ଛୁଇଁଛି। ଏହି ସଂଖ୍ୟା ଓସ୍ଡମାରେ ପଞ୍ଜୀକୃତ ସଂଖ୍ୟା। ଅନେକ ସଂଖ୍ୟା ସାମନାକୁ ଆସିପାରୁ ନ ଥିବା ମଧ୍ୟ ଜଣାପଡ଼ିଛି। ଯଦି ସବୁ ମାମଲା ରେକର୍ଡ ହେବ ତେବେ ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଓସଡମା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶା ଭଳି ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ କେବଳ ସାପକାମୁଡ଼ା ଜନିତ ମୃତ୍ୟୁ ବିପର୍ଯ୍ୟୟ ମୃତ୍ୟୁର ୪୦ ପ୍ରତିଶତ ସ୍ଥାନ ଦଖଲ କରିଛି। ୨୦୧୫ ମସିହାରୁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସାପକାମୁଡ଼ା ଜନିତ ମୃତ୍ୟୁକୁ ବିପର୍ଯ୍ୟୟରେ ସାମିଲ କରିବା ସହିତ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର



ଅନୁକମ୍ପାମୂଳକ ରାଶି ପ୍ରଦାନ କରୁଛି। ହେଲେ ବନ୍ୟା ବାତ୍ୟା ଓ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ତୁଳନାରେ ସାପ କାମୁଡ଼ା ଜନିତ ମୃତ୍ୟୁ ବହୁ ଅଧିକ ରହୁଥିବାରୁ ବିଭାଗ ଚିନ୍ତା ପ୍ରକଟ କରିଛି।ରାଜ୍ୟର ୭୦ ପ୍ରତିଶିତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଓଡ଼ିଶାର ୩୪ ପ୍ରତିଶତ ଜଙ୍ଗଲ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ ସାପକାମୁଡ଼ା ଘଟଣା ଅଧିକ ଘଟୁଥିବା ବେଳେ ଅସଚେତନତା ହିଁ ଜୀବନ ନେବାର ପ୍ରଧାନ କାରଣ ସାଜିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ସ୍ନେକ ହେଲ୍ପଲାଇନର ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ଯେ ସାପ କାମୁଡ଼ା ରୋଗୀଙ୍କର ଗୋଟିଏ ଘଣ୍ଟା ମଧ୍ୟରେ ଚିକିତ୍ସା ଆରମ୍ଭ ହେବା ଆବଶ୍ୟକତା ରହିଛି। ଯଦି ନାଗ ସାପ କିମ୍ବା ଚନ୍ଦ୍ର ସାପ କାମୁଡ଼ି ଥାଏ, ତେବେ ଗୋଟିଏ ଘଣ୍ଟା ମଧ୍ୟରେ ବି ମୃତ୍ୟୁ ହେବାର ଆଶଙ୍କା ରହୁଛି। ତେଣୁ ସାପ କାମୁଡ଼ା ଘଟଣା ଘଟିଥିଲେ ଗୁଣି ଗାରେଡ଼ିରେ ବିଶ୍ୱାସ ନ କରି ରୋଗୀଙ୍କୁ ତୁରନ୍ତ ହସ୍ପିଟାଲ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଓସଡମା ଏକ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଉଛି, ତେବେ ଗୁଣି ଗାରେଡ଼ିକୁ କିପରି ରୋକାଯାଇପାରିବ ସେନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ଉଚିତ୍ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ସୂର୍ଯ୍ୟ ମନ୍ଦିର ବେଢା ଚତୁଃପାର୍ଶ୍ୱ ପ୍ରାଚୀର ନିର୍ମାଣ କାର୍ଯ୍ୟ ନିମ୍ନମାନର

# ଉଚ୍ଚସ୍ତରୀୟ ତଦନ୍ତ ଦାବି

**କୋଣାର୍କ :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ବେଢାର ଚତୁଃପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ଏଏସଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ଦ୍ୱାରା ନିର୍ମାଣଧୀନ ପ୍ରାଚୀର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖବରରୁ ପ୍ରକାଶ ଯେ ସୂର୍ଯ୍ୟମନ୍ଦିର ବେଢାର ଚତୁଃପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ଏଏସଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଶଶାଙ୍କ ଶେଖର ନାୟକଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ପ୍ରାଚୀର ନିର୍ମାଣ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏଏସଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମଞ୍ଜୁର କରାଯାଇଛି। ଏହି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ପଥର, ଲୁଣି ବାଲି, ନିମ୍ନମାନର ସିମେଣ୍ଟ ସହ ନିକୃଷ୍ଟ ମାନର ରଡ ବ୍ୟବହାର କରାଯାଇ ସୂର୍ଯ୍ୟ ମନ୍ଦିର ବେଢା ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ



କରାଯାଉଥିବାରୁ ଏହାର ସ୍ଥାୟୀତ୍ୱ ନେଇ କୋଣାର୍କ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସଂସ୍କୃତି ପ୍ରେମୀ ନାଗରିକ ଓ ଅଂଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ସୂର୍ଯ୍ୟ ମନ୍ଦିର ନିଜର ଐତିହ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ କଳାକୃତି ପାଇଁ ବିଶ୍ୱ ବିଦିତ। ଏହି ବିଶ୍ୱ ସ୍ତରୀୟ ଐତିହ୍ୟ ସ୍ଥଳୀର ସୁରକ୍ଷା ପାଇଁ ଏଏସଆଇ ପକ୍ଷରୁ ମନ୍ଦିର ବେଢାର ଚତୁଃ ପାର୍ଶ୍ୱସ୍ଥ ପ୍ରାଚୀର ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସ୍ଥାନୀୟ ଏଏସଆଇ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତ ଓ ଦାୟିତ୍ୱହୀନତା ଖାମଖିଆଲି ମନୋଭାବ ଯୋଗୁଁ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ସଂସ୍କୃତି ବିଶାରଦ ମହଲରେ ନାପସନ୍ଦ କରାଯାଇଛି। ସୁରକ୍ଷା ପାଇଁ ଏଏସଆଇ ପ୍ରାଚୀର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ କୋଣାର୍କ ଏଏସଆଇ ସ୍ଥାନୀୟ ଅଧିକାରୀ ଓ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ମଧୁଚନ୍ଦ୍ରିକା ନୀତି ଯୋଗୁଁ ମନ୍ଦିର ସୁରକ୍ଷା ପାଇଁ କରାଯାଉଥିବା ପ୍ରାଚୀର ଧର୍ମ କୁ ଆଖିଠାର ସଦୃଶ ବୋଲି ସଂସ୍କୃତି ବିଶାରଦ ମାନେ ମତବ୍ୟକ୍ତ କରିଛନ୍ତି। ଏହି ଠିକାଦାର ଜଣଙ୍କ ଦୀର୍ଘ ଦିନ ଧରି କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ବିଭିନ୍ନ ସମୟରେ କିଭଳି ଭାବେ ସମସ୍ତ ଉନ୍ନୟନ କାର୍ଯ୍ୟମାନ କାହା ସୁପାରିଶରେ କରୁଛନ୍ତି ତାହା ଏଏସଆଇ କର୍ତ୍ତୃପକ୍ଷଙ୍କ ଉଚ୍ଚ ଅଧିକାରୀଙ୍କ ସଂପୃକ୍ତ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ଓ ଦୃଢ ସମର୍ଥନ ରହିଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏହି ନିମ୍ନମାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ସହ ସଂପୃକ୍ତ ଠିକାଦାରଙ୍କ ଦ୍ୱାରା ସୂର୍ଯ୍ୟ ମନ୍ଦିର ପରିସରରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ବର୍ତ୍ତମାନ ସୁଦ୍ଧା ସ୍ଥିତି କଣ ରହିଛି ତାହାର ଏଏସଆଇ ମହାନିର୍ଦ୍ଦେଶକ , ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଓ ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ଗବେଷକ, ସଂସ୍କୃତି ବିଶାରଦ ଓ କୋଣାର୍କ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଭୁବନେଶ୍ୱର-ପୁରୀ-କୋଣାର୍କକୁ ଚାଲିବ ମେଟ୍ରୋ ଟ୍ରେନ୍

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ର ପୁରୀ ଓ କୋଣାର୍କ ମଧ୍ୟରେ ମେଟ୍ରୋ ଟ୍ରେନ୍ ଚାଲିବ। ପର୍ଯ୍ୟଟକଙ୍କ ସମେତ ଯାତ୍ରୀଙ୍କ ସୁବିଧା ପାଇଁ ଏହି ମେଟ୍ରୋ ଟ୍ରେନ୍ ଚଳାଚଳ କରିବ। ଏଥିପାଇଁ ରାଜ୍ୟ ସରକାର ମେଗା ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ରେଳ ମନ୍ତ୍ରଣାଳୟ ସହ ମେଗା ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ପ୍ରାରମ୍ଭିକ ପର୍ଯ୍ୟାୟ ଆଲୋଚନା ଶେଷ ହେବା ସହ ଟ୍ରେନ ଚାଲିବାକୁ ଥିବା ରେଳମାର୍ଗ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର-ପୁରୀ ମଧ୍ୟରେ ଏହି ମେଟ୍ରୋ ଟ୍ରେନ୍ ଚଳାଚଳ କରିବ ଓ ପରବର୍ତ୍ତୀ ସମୟରେ ଏହାକୁ କୋଣାର୍କ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ମେଟ୍ରୋ ଟ୍ରେନ ଚଳାଚଳ କଲେ ଭୁବନେଶ୍ୱର ଓ ପୁରୀର ୬୦କିମି ଦୂରତ୍ୱକୁ ମାତ୍ର ଅଧଘଣ୍ଟା ମଧ୍ୟରେ ଅତିକ୍ରମ କରାଯାଇପାରିବ। ରାଜ୍ୟ ସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ବିକଶିତ କରୁଥିବାବେଳେ ଏକାମ୍ର କ୍ଷେତ୍ର ଓ ଶ୍ରୀକ୍ଷେତ୍ର ଏବଂ ଅର୍କକ୍ଷେତ୍ର କୋଣାର୍କ ମଧ୍ୟରେ ମେଟ୍ରୋ ଟ୍ରେନ ଚଳାଚଳ ରାଜ୍ୟବାସୀ ତଥା ପର୍ଯ୍ୟଟକଙ୍କୁ ନିଆରା ଅନୁଭବ ଦେବ। ଏହି ମେଗା ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣା ଜମି ସହ ଆର୍ଥିକ ଖର୍ଚ୍ଚ ମଧ୍ୟ ତୁଲାଇବେ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ଏନେଇ ବିସ୍ତୃତ ରିପୋର୍ଟ କେନ୍ଦ୍ର ରେଳ ମନ୍ତ୍ରଣାଳୟ ନିକଟରେ ଦାଖଲ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟ ମାଧ୍ୟମରେ ଏହାର ଆଭାସ ଦେଇଛନ୍ତି। ଶ୍ରୀ ପାଣ୍ଡିଆନ ତାଙ୍କ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ "ଖୁବଶୀଘ୍ର ଓଡ଼ିଶାକୁ ବଢ଼ିଆ ଖବର ମିଳିବ, ଜୟ ଜଗନ୍ନାଥ..." ବୋଲି କହି ପରୋକ୍ଷରେ ଏହି ସୂଚନା ଦେଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ଭୁବନେଶ୍ୱର-କଟକ ମଧ୍ୟରେ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଯୋଜନା ରହିଥିଲେ ମଧ୍ୟ ଉକ୍ତ ମାର୍ଗରେ ବୈଷୟିକ କାରଣରୁ ଏହା ଚାଲିବା ସମ୍ଭବପର



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ମାର୍ଚ୍ଚ ୫ରୁ ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ

**ଭୁବନେଶ୍ୱର :** ଆସନ୍ତା ମାର୍ଚ୍ଚ ୫ତାରିଖ ବିଜୁ ପଟ୍ଟନାୟକ ଜୟନ୍ତୀରୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆନ୍ତର୍ଜାତିକ ବିମାନ ସେବାର ଶୁଭାରମ୍ଭ କରିବେ। ମାର୍ଚ୍ଚ ୫ତାରିଖ ସନ୍ଧ୍ୟା ୬ଟା ୫ମିନିଟରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରୁ ଇଣ୍ଡିଗୋ ବିମାନଟି ଯାତ୍ରା ଆରମ୍ଭ କରି ଦୁବାଇରେ ୯ଟା ୪୫ମିନିଟରେ ପହଂଚିବ ବୋଲି ଜଣାପଡ଼ିଛି। ବିମାନ ଚଳାଚଳ କମ୍ପାନୀ ଇଣ୍ଡିଗୋ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, ଭୁବନେଶ୍ୱର ବିମାନ ବନ୍ଦରରୁ ଦୁବାଇକୁ ବିମାନ ଚଳାଚଳ ଆରମ୍ଭ ହେବାକୁ



ଯାଉଛି ଓ ଏହା ଭୁବନେଶ୍ୱର ବିମାନ ବନ୍ଦରରୁ ପ୍ରଥମ ଆନ୍ତର୍ଜାତିକ ବିମାନ। ସେହିପରି ଦୁବାଇ-ଭୁବନେଶ୍ୱର ବିମାନଟି ମାର୍ଚ୍ଚ ୫ରେ ଦୁବାଇ ବିମାନବନ୍ଦରରୁ ସକାଳ ୧୧ଟା ୨୫ମିନିଟରେ ବାହାରି ସନ୍ଧ୍ୟା ୫ଟା ୦୫ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବ। ଏହି ବିମାନରେ ଏକକାଳୀନ ୧୮୬ଜଣ ଯାତ୍ରୀ ଯିବାର ସୁବିଧା ରହିଛି। ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବରମାସରେ ରାଜ୍ୟ କ୍ୟାବିନେଟ୍ ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକୁ ସିଧାସଳଖ ବିମାନ ଚଳାଚଳ ନିମନ୍ତେ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ବିମାନ ଚଳାଚଳ ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଯାହା ଟିକେଟ୍ ବିକ୍ରି ହେବ ଉକ୍ତ ଅର୍ଥ ରାଜ୍ୟ ସରକାରଙ୍କୁ ମିଳିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୫ରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭୁବନେଶ୍ୱର ବିମାନ ବନ୍ଦର ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ଐତିହାସିକ ଡକୋଟା ବିମାନକୁ ସର୍ବସାଧାରଣଙ୍କ ଦେଖିବା ନିମନ୍ତେ ଲୋକାର୍ପଣ କରିବେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି